## ସଂକ୍ଷେପରେ

### ୨୪ରେ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୧୧।୯(ସ୍ୱ.ପ୍ର.) ଗଜପତି ଜିଲା ସଦର ମହକୁମା ପାରାଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଗକୁ ଗଜପତି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଅଧକ୍ଷତା କରି ସମସ୍ତଙ୍କ ସମନ୍ୱୟରେ ଯେପରି ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରତିଯୋଗିତା ସ୍ଥାନୀୟ ଗଜପତି ଷ୍ଟାଡିୟମରେ ୪ଦିନ ଧରି ଆସନ୍ତା ୨୪ରୁ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୩୦ଟି ଜିଲାରୁ କ୍ରୀଡାବିତ୍‌ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଜିଲା କ୍ରୀଡାଧିକାରୀ ପ୍ରଭାକର ତ୍ରିପାଠୀ ପ୍ରତିଯୋଗିତାର ସଫଳତା ପାଇଁ ଜିଲାର ଦକ୍ଷ କ୍ରୀଡା ଶିକ୍ଷକମାନଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜି.ସୁଦର୍ଶନ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମୋବାଇଲ କୋର୍ଟରେ ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୧୧।୯:** ଗତ ୨ ଦିନ ଧରି ପରିବହନ ମାଜିଷ୍ଟ୍ରେଟ ଅନୁରାଧା ଶର୍ମାଙ୍କ ମୋବାଇଲ କୋର୍ଟ ଜରିଆରେ ଟ୍ରାଫିକ ନିୟମ ଉଲ୍ଲଂଘନ ଓ ପରିବହନ ନିୟମ ଉଲ୍ଲଂଘନ କରିଥିବା ଯାନବାହନ ଗୁଡିକରୁ ୧ ଲକ୍ଷ ୫୦ ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି। ପରିବହନ ବିଭାଗ ଇନ୍ସପେକ୍ଟର ଅନୁରାଧା ଶର୍ମା, ମାନସ ମିଶ୍ର ଓ ତାଙ୍କ ଷ୍ଟାଫ ଜାତୀୟ ରାଜପଥରେ ଟିକସ ଫାଙ୍କିବା, ଓଭର ଲୋଡିଂ ଆଦି ଗାଡି କାଗଜପତ୍ର ଯାଞ୍ଚ ବେଳେ ୬୦ ମାମଲାରେ ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ଇନ୍ସପେକ୍ଟର ଶର୍ମା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସହର ଉପକଣ୍ଠ ଓ ସହର ମଧ୍ୟରେ ଏଭଳି ଚଢାଉ ଜାରି ରହିବ ବୋଲି ଇନ୍ସପେକ୍ଟର ମିଶ୍ର ମଧ୍ୟ କହିଛନ୍ତି।

### ଜେଏମ୍‌ଏଫସିଙ୍କ ବଦଳି

**ବ୍ରହ୍ମପୁର ଅଫିସ,୧୧।୯:** ଜିଲା ଦୌରା ଜଜ କୋର୍ଟରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ପ୍ରଜ୍ଞା ପଣ୍ଡାଙ୍କର ଢେଙ୍କାନାଳ ଜିଲା ପରଜଙ୍ଗ ଜେଏମ୍‌ଏଫସି କୋର୍ଟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଏଠାରେ କାହାକୁ ଦାୟିତ୍ୱ ଦିଆଯାଇନାହିଁ ସରକାର ଯୌତୁକ ନିର୍ଯାତନା, ଗୃହ ବିବାଦ ଓ ମହିଳାଙ୍କ ଭରଣପୋଷଣ ଭଳି ମାମଲା ଗୁଡିକର ତ୍ୱରିତ ଫଇସଲା ପାଇଁ ଏହି କୋର୍ଟ ଖୋଲିଥିଲେ। ଏବେ ଏହି କୋର୍ଟରେ ୧୫୦୦ ମାମଲା ବିଚାର ନ ହୋଇ ପଡି ରହିଛି। କୋର୍ଟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଜେଏମ୍‌ଏଫସି ପଣ୍ଡାଙ୍କ ବଦଳି ପରେ ସେହି କୋର୍ଟରେ ପଡି ରହିଥିବା ୧୫୦୦ ମାମଲାଗୁଡିକୁ ଏବେ ଏସ୍‌ଡିଜେଏମ୍ ସରୋଜିନୀ ସାହୁଙ୍କ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଓକିଲ ମନୋଜ ପାଢ଼ୀ, ସୁଦର୍ଶନ ମହାନ୍ତୁଡ, ସୋନାଲି ରାଇସା, ବେଞ୍ଚ କ୍ଲର୍କ ସୋମନାଥ ପଣ୍ଡା, କଲ୍ୟାଣୀ ମାର୍ଥା ପ୍ରମୁଖ ବୁଧବାର ଜେଏମ୍‌ଏଫସି ପଣ୍ଡାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ।

# ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା

## ନୂଆଗଡ ୧ମ,ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ୨ୟ, ଆର୍ ଉଦୟଗିରି ୩ୟ

- ସାମିଲ ହୋଇଥିଲେ ୧୫ ବିଦ୍ୟାଳୟର ୭୫ ଛାତ୍ରୀଛାତ୍ର
- ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀ ଯିବେ ଭୁବନେଶ୍ୱର

ପାରଳାଖେମୁଣ୍ଡି, ୧୧।୯ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ନାଟକ ଗୃହରେ ଗଜପତି ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲା ଶିକ୍ଷା ଆଧିକାରୀ ପ୍ରଦୀପ କୁମାର ନାଗ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପରିଷଦ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ସୂଚନା ଦେଇଥିଲେ । ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରାଯାଇପାରିବ ବୋଲି ପଟ୍ଟନାୟକ କହିଥିଲେ । ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ମହାବିଦ୍ୟାଳୟର ଗୁରୁ ରଘୁନାଥ ପାତ୍ର ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲାର ୧୫ଟି ଉଚ୍ଚ ବିଦ୍ୟାଳୟରୁ ୭୫ ଜଣ ଛାତ୍ରୀଛାତ୍ର ଓ ୧୫ଜଣ ସହାୟକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ନୂଆଗଡର ଲକ୍ଷ୍ମୀ ନୃସିଂହ ବିଦ୍ୟାପିଠ ଟିମ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାରଳାଖେମୁଣ୍ଡି ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଏବଂ ଆର୍ ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ଟିମ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରଥିଲେ ।



ଉଦଘାଟିତ ହୋଇଥିବା ଡ୍ୟାନ୍ସ ଷ୍ଟୁଡିଓ ।

## ନୂତନ ଡ୍ୟାନ୍ସ ଷ୍ଟୁଡିଓ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୧।୯(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରାଳାଖେମୁଣ୍ଡିସ୍ଥିତ ବଡ ବ୍ରାହ୍ମଣସାହିଠାରେ ବୋଷ୍ ଷ୍ଟୁଡିଓ ନାମରେ ଏକ ନୂତନ ଡ୍ୟାନ୍ସ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମାନବିକ ଅଧିକାର ପରିଷଦର ସଭାପତି ଶିବ ନାରାୟଣ ପାତ୍ର ଯୋଗ ଦେଇଥିଲେ। ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା ସଭାପତିତ୍ୱ କରିଥିଲେ। ଏହି ଷ୍ଟୁଡିଓ ଖୋଲିବା ଦ୍ୱାରା ଓଡିଆ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆମ ଗଜପତିର ସବୁ ବର୍ଗର ନୃତ୍ୟଶିଳ୍ପୀ ଯେପରି ନୃତ୍ୟ ତାଲିମ ନେଇପାରିବେ ତାହା ଅନୁଷ୍ଠାନର ମୁଖ୍ୟ ଉଦ୍ଦ୍ୟେଶ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ କେତେକ ଛାତ୍ରୀଛାତ୍ର ଅନୁଷ୍ଠାନରେ ନାମ ଲେଖାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାୟଗଡ ମାନବିକ ଅଧିକାର ପରିଷଦ ସଦସ୍ୟ ସିଦ୍ଧାନ୍ତ ଦାସ, ଗୁଣୁପୁର କିଡ୍‌ଜୀ ପ୍ଲେ ସ୍କୁଲର ଅଧକ୍ଷା ଲିଲି ସାହୁ, ବୋଷ ଡ୍ୟାନ୍ସ ଷ୍ଟୁଡିଓର ନିର୍ଦ୍ଦେଶକ ଆଲୋକ ବୋଷ ପ୍ରମୁଖ ଉପସ୍ଥିତ ଥିଲେ ।

## ଷ୍ଟାଡିୟମ ଉନ୍ନତି ପାଇଁ ଅନୁଧ୍ୟାନ କଲା ଉଚ୍ଚସ୍ତରୀୟ ଟିମ୍

ପାରଳାଖେମୁଣ୍ଡି, ୧୧।୯(ସ୍ୱ.ପ୍ର.) –

ଗଜପତି ଜିଲା ସଦର ମହକୁମା ପାରାଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମର ବିକାଶ ତଥା ଉନ୍ନତି ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ଟିମ୍ ଅନୁଧ୍ୟାନ କରିଛନ୍ତି । ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ଷ୍ଟାଡିୟମ ପରିସର ପରିଦର୍ଶନ କରି କରିଥିଲେ। ଷ୍ଟାଡିୟମର ଆଧୁନିକୀକରଣ ଯେପରି ହୋଇପାରିବ ସେ ବିଷୟରେ ଅନୁଧ୍ୟାନ କରିଥିଲେ । ଏଥିସହ ଏହି ଟିମ୍ ଇଣ୍ଡୋର ହଲ୍ ପ୍ରକୋଷ୍ଠକୁ ଯାଇ ସେଠାରେ ମଧ୍ୟ ବୁଲି ଦେଖିଥିଲେ । ମୁଖ୍ୟତଃ ପାରଳାଖେମୁଣ୍ଡିର ଏହି ଗଜପତି ଷ୍ଟାଡିୟମର ଉନ୍ନତି ହୋଇପାରିଲେ ଏଠାରେ ଥିବା ଲୁକ୍କାୟିତ ପ୍ରତିଭାବାନ କ୍ରୀଡାବିତମାନେ ଉପକୃତ ହେବେ। ସେମାନେ ନିଜକୁ ସଫଳ କ୍ରୀଡାବିତ୍ ରୂପେ ଗଢିପାରିବେ। ପରିଦର୍ଶନ ସମୟରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଜିଲାପାଳ ଅନୁପମ ଶାହା, ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଷ୍ଟାଡିୟମ ଅନୁଧ୍ୟାନ କରୁଛନ୍ତି ଉଚ୍ଚସ୍ତରୀୟ ଟିମ୍ ।

## କଲେଜ ଛାତ୍ରୀଛାତ୍ରଙ୍କୁ ବସ୍‌ରୁ ଓହ୍ଲାଇଲେ କଣ୍ଡକ୍ଟର

କୋଷାଗୁମୁଡ଼ା, ୧୧।୯ (ଡି.ଏନ୍.ଏ.)

ଆଦିବାସୀ ଅଧ୍ୟୁଷିତ କୋଷାଗୁମୁଡ଼ା ବ୍ଲକ୍‌ରେ ବହୁ କମ୍ ବସ୍ ଯାତାୟତ କରୁଛି। ଫଳରେ ଏଠାରେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ବସ୍‌ରେ ଛାତ୍ରୀଛାତ୍ରଙ୍କୁ କନ୍‌ସେଶନ୍‌ରେ ନେବାପାଇଁ ବସ୍ ଗୁଡ଼ିକ ରାଜି ହେଉ ନ ଥିବା ଯୋଗୁ ୨୫ରୁ ୩୦ କିମି ଦୂରରେ ଥିବା ରାଜଚାଉଁରିଆ ସ୍କୁଲକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର କୋଷାଗୁମୁଡା ବ୍ଲକ୍‌ର କୋଟାଗାଁ, ବେଲଫୁଟି, ସିଲିଭଟ୍ଟା, ଖରାଭଙ୍ଗା, କୁସମୀ ଏବଂ ବେମରା ଗ୍ରାମର ଛାତ୍ରୀଛାତ୍ରମାନେ ସରକାରୀ ବସ୍‌ରେ ଯିବା ସମୟରେ କଣ୍ଡକ୍ଟର ସେମାନଙ୍କୁ ଅଧାରାସ୍ତାରେ କୋଷାଗୁମୁଡ଼ାରେ ଓହ୍ଲାଇ ଦେଇଥିଲେ। ଅତ୍ୟଧିକ ଲୋକ ହେବା ଯୋଗୁ ସେମାନଙ୍କୁ ବସ୍‌ରୁ ଓହ୍ଲାଇଥିଲେ। ସେମାନେ କୋଷାଗୁମୁଡ଼ାରେ ଓହ୍ଲାଇ ବ୍ଲକ ନିକଟରେ ଅଟକିଥିଲେ। ବୁଧବାର ପଞ୍ଚାୟତ ସମିତି ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇଥିବାବେଳେ ସେଠାରେ ଛାତ୍ରୀଛାତ୍ରମାନେ ବିଧାୟକଙ୍କୁ ସମସ୍ୟା ଜଣାଇଥିଲେ। ବିଧାୟକ ବସ୍ କଣ୍ଡକ୍ଟରଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଛାତ୍ରୀଛାତ୍ରମାନେ କଲେଜ ଯାଇ ନ ପାରି ଘରକୁ ଫେରିଯାଇଥିଲେ। ଯଦି କଲେଜରେ ଆଡମିଶନ୍ କିମ୍ବା ପରୀକ୍ଷା ରହିଥାନ୍ତା ତେବେ ପିଲାମାନେ କ'ଣ କରିଥାନ୍ତେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସରକାରୀ ବସ୍ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଅଧାରାସ୍ତାରେ ଓହ୍ଲାଇଦେବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପିକ୍‌ନିକ୍ ଆସି ଗଣ୍ଡଗୋଳ ୪ଗିରଫ

ଗୋଷାଣି, ୧୧।୯

ଗଜପତି ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ପିକନିକ ପାଇଁ ଆସି ଗଣ୍ଡଗୋଳ କରିବା ସହ ସେଠାକାର ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗାରାବନ୍ଧ ଥାନା ପୋଲିସ ୪ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଟି.କ୍ରିଷ୍ଣା (୨୪), ମେଲା ରାମୁ (୨୫), ମେଲା ସୀମାଞ୍ଚଳ (୨୮) ଏବଂ ଏ. ଶଙ୍କର ରାଓ (୨୫)। ଏମାନଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ମେଳିଆପୁଟି ଥାନା ଅନ୍ତର୍ଗତ ରାଟିଣି ଗ୍ରାମରେ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି । ଖବରରୁ ଜଣାପଡିଛି ପିକନିକି ପାଇଁ ଆନ୍ଧ୍ରର ରାଟିଣି ଗ୍ରାମର କେତେକ ଯୁବକ ମଙ୍ଗଳବାର ଗଣ୍ଡାହାତୀକୁ ଆସିଥିଲେ । ମଧ୍ୟାହ୍ନରେ ଏହି ୪ଜଣ ଯୁବକ ମଦ ପିଇ ମାତାଲ ହୋଇ ହୋହାଲ୍ଲା କରିଥିଲେ। ସେଠାରେ ପିଲାଙ୍କ ପାଇଁ ଲାଗିଥିବା ସରଞ୍ଜାମକୁ ଟଣାଓଟରା କରିଥିଲେ । ଏହାକୁ ଦେଖି ସେଠାରେ ଡ୍ୟୁଟିରେ ଥିବା ଫରେଷ୍ଟ ଗାର୍ଡ ପ୍ରସାଦ ନାୟକ ଏହା ନ କରିବା ପାଇଁ ବାରଣ କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକମାନେ ରାଗିଯାଇ ତାଙ୍କୁ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ନାୟକ ଗାରାବନ୍ଧ ଥାନାକୁ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୁଧବାର ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏ ନେଇ ୬୮/୧୯ରେ ଏକ ମାଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ସୁଶାନ୍ତ ସେଠୀ କହିଛନ୍ତି ।

## ■ କର୍ମଶାଳାରେ ମତ

## ଚାଷୀଙ୍କୁ ଲାଭ ଦେବ ଇ-ମାର୍କେଟିଂ

ପାରଳାଖେମୁଣ୍ଡି, ୧୧।୯(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରାଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜାତୀୟ କୃଷି ବଜାର ମାଧ୍ୟମରେ କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟକୁ ନେଇ ଏକ କର୍ମଶାଳା ତଥା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇ-ମାର୍କେଟିଂ ଦ୍ୱାରା କୃଷକମାନେ କିପରି ଉପକୃତ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଉପାୟରେ ସେମାନେ ସ୍ୱଚ୍ଛତାର ସହ କିଣାବିକା କରିପାରିବା ସହ ନିଜର ବିକ୍ରିଲବ୍ଧ ଅର୍ଥ ତୁରନ୍ତ ପାଇପାରିବେ। ସଠିକ ଓଜନ ପାଇଁ ବିଦ୍ୟୁତ ଚାଳିତ ଓଜନ ମାପ ଯନ୍ତ୍ର ଏବଂ କୃଷିଜାତ ଦ୍ରବ୍ୟର ଗୁଣମତା ନିରୂପଣ ପାଇଁ ଆଦ୍ରତା ମାପକ ଯନ୍ତ୍ର ମଧ୍ୟ ଏହି ପ୍ରକ୍ରିୟାରେ ବ୍ୟବହାର କରାଯାଇପାରିବ। କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ଚାଷୀମାନେ ନିଜର ମୋବାଇଲ ସାହାଯ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ । ଏଥିରେ ବ୍ୟବସାୟୀମାନେ ମଧ୍ୟ ଅନେକ ସୁବିଧା ହାସଲ କରିବେ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୭ ବ୍ଲକରୁ ଚାଷୀମାନେ ଯୋଗଦେଇ ଇ-ଟ୍ରେଡିଂ ବିଷୟରେ ତାଲିମ ନେଇଥିଲେ। ଏଥିରେ ମୁଖ୍ୟତଃ ମକା,କପା ଓ କାଜୁ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଆଲୋକ କୁମାର ଷଡଙ୍ଗୀ, ଜିଲା ସହକାରୀ କୃଷି ଅଧିକାରୀ କେ.ମାଧବ ରାଓ ଉପସ୍ଥିତ ଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଡି.ଗଣପତି ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ ପଶୁ ଆରୋଗ୍ୟ ମେଳା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୧।୯(ସ୍ୱ.ପ୍ର.)

ଗଜପତି ଜିଲା ଆର୍ ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା ପ୍ରାଣୀ ଚିକିତ୍ସା ବିଭାଗର ମିଳିତ ସହଯୋଗରେ ଜିଲାସ୍ତରୀୟ ପଶୁ ଆରୋଗ୍ୟ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଥୁରା ଠାରେ ' ଜାତୀୟ ପଶୁରୋଧ ନିୟନ୍ତ୍ରଣ' ଏବଂ 'ଜାତୀୟ କୃତ୍ରିମ ପ୍ରଜନନ' ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଦେଶର ୬୮୭ କୃଷି ବିଜ୍ଞାନକେନ୍ଦ୍ରରେ ଏପରି ମେଳାର ଆୟୋଜନ କରାଯାଇଛି । ଆର୍ ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଏହି କାର୍ଯକ୍ରମରେ ମୋହନା ବିଧାୟକ ଦାସରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମେଳାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା କୃଷକମାନେ ଗୋରୁଗାଇଙ୍କ ଯତ୍ନ ସମ୍ପର୍କରେ ଶିକ୍ଷା ଲାଭ କରିପାରିବେ ବୋଲି ଗମାଙ୍ଗ କହିଥିଲେ । ବିଜ୍ଞାନକେନ୍ଦ୍ରର ସଭାପତି ଡ. ଦିଲୀପ କୁମାର ପଟ୍ଟନାୟକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ପଶୁ ରୋଗ ଯଥା ଫାଟୁଆ ଓ ବୃସେଲୋସିସ୍ ତଥା କୃତ୍ରିମ ଶଙ୍କରିକରଣ ରୋଗ ବିଷୟରେ ଚାଷୀମାନେ ଯେପରି ସଚେତନ ହେବେ ତାହା ହିଁ ଏହି ମେଳାର ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ, ଜିଲା ପରିଷଦ ସଭ୍ୟ ଜାକବ୍ ମାଝି, ବିଜ୍ଞାନ କେନ୍ଦ୍ରର ଉପସଭାପତି ସଂଗ୍ରାମ ପରମଗୁରୁ, ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲା ଉଦ୍ୟାନକୃଷି ଅଧିକାରୀ ମହେନ୍ଦ୍ର କୁମାର ମାଝି, ଜିଲା ମତ୍ସ୍ୟ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ଚାଷୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ବିଜ୍ଞାପନ**

**ପୁରୀ ମୁକାମ ଶ୍ରୀଯୁକ୍ତ ସିଭିଲ୍ ଜଜ୍, (ଜୁନିୟର ଡିଭିଜନ), ପୁରୀ**
ଅର୍ଡର ୫ ରୁଲ୍ ୨୦ ମତେ
ଟାଇଟଲ୍ ସୁଟ୍ ନଂ୧୨୧/୧୯୮୨ୟର
ଅରକ୍ଷିତ ସାହୁ (ମୃତ)
ମଲ୍ଲୀ ସାହୁ ଓଗେର ....ବାଦୀ।
-ବନାମ-
ନରସିଂହ ଦାସ ମହାପାତ୍ର (ମୃତ)
ତିଲୋତ୍ତମା ଦାସ ମହାପାତ୍ର ଓଗେର ....ପ୍ରତିବାଦୀ।
**ପ୍ରତିବାଦୀ ନଂ୧ (ବି) ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର, ବ୫୪ର୍ଷ, ପିତା: ନରସିଂହ ଦାସ ମହାପାତ୍ର, ସାକିନ: ଦୋଳମଣ୍ଡପ ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲା: ପୁରୀ ।**
ଏତଦ୍ୱାରା ତୁମ୍ଭେ ପ୍ରତିବାଦୀଙ୍କୁ ଜଣାଇ ଦିଆଗଲା ଯେ, ତଫସିଲ ସମ୍ପତ୍ତି ପକ୍ଷେ ବାଦୀ ମଲ୍ଲୀ ସାହୁ, ସ୍ୱାମୀ: ଅରକ୍ଷିତ ସାହୁ, ସାକିନ: ମାର୍କଣ୍ଡେଶ୍ୱର ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲା: ପୁରୀ ଓଗେର, ପ୍ରତିବାଦୀ ନଂ୧(ଏ) ତିଲୋତ୍ତମା ଦାସ ମହାପାତ୍ର ଓଗେରଙ୍କ ବିରୁଦ୍ଧରେ ସତ୍ୱ ଦଖଲ ସାବ୍ୟସ୍ତ ଦାବିରେ ଅତ୍ର ଅଦାଲତରେ ମୋକଦ୍ଦମା ଦାୟର କରିଅଛନ୍ତି। କିନ୍ତୁ ତୁମ୍ଭେ ପ୍ରତିବାଦୀ ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର ଏହି ମୋକଦ୍ଦମା ବାବଦରେ ସମସ୍ତ ଜାଣିଶୁଣି କାଳବିଳମ୍ବ କରିବା ଉଦ୍ଦେଶ୍ୟରେ ରହି ଏଥିରେ ହାଜର ହେଉନାହିଁ। ତେଣୁ ତୁମ୍ଭଙ୍କୁ ଜଣାଇ ଦିଆଗଲା ଯେ, ଉକ୍ତ ମୋକଦ୍ଦମା ତା୧୫।୧୦।୨୦୧୯ରିଖକୁ ବିଚାରାଧୀନ ରହିଅଛି। ଏଥିରେ ତୁମ୍ଭେ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ହାଜର ହୋଇ ତୁମର ଆପତ୍ତି ବା ଜବାବ ଦେବେ। ଏଥିପକ୍ଷେ ତ୍ରୁଟି କଲେ ଆଇନ ଅନୁସାରେ ଉକ୍ତ ମୋକଦ୍ଦମା ବିଚାର କରାଯିବ। ପରେ କୌଣସି ଆପତ୍ତି ଶୁଣାଯିବ ନାହିଁ।
**ତଫସିଲ ସମ୍ପତ୍ତି**
ଜିଲ୍ଲା ; ପୁରୀ, ଥାନା: ପୁରୀ ସହର, ମୌଜା ; ମାର୍କଣ୍ଡେଶ୍ୱର ସାହି, ଖାତା ନଂ୮୯ୟର (ଅଠାନବେ), ପ୍ଲଟ ନଂ୩୩୨ୟର (ତିନିଶତ ବତିଶି), ଏ୦.୫୯୦ଡି. (ପାଞ୍ଚଶତ ନବେ ଡିସିମିଲ) ସମ୍ପନ୍ନ ଏ୦.୩୨୮ଡି. (ତିନିଶତ ଅଠେଇଶି ଡିସିମିଲ) ହଜାରିକିଆ ମାପ ମତେ। Area Ac0.242 Zero point two four two on the south and Ac0.020 decimals Zero point two zero on the north, ଏହାର ହାଲ ପ୍ଲଟ ନଂ୧୫୦ୟର (ଏକଶତ ପଚାଶ), ଏ୦.୧୩ଡି. (ତେର ଡିସିମିଲ), ପ୍ଲଟ ନଂ୧୫୦/୧୪୨୦ୟର (ଏକଶତ ପଚାଶ ବିଭକ୍ତ ଏକ ହଜାର ଚାରିଶତ କୋଡ଼ିଏ)। ଉତ୍ତର-ଦକ୍ଷିଣ ଲମ୍ବ ୨୦୦ କଡ଼ି। ଏହାର ପୂର୍ବ-ପଶ୍ଚିମ ଓସାର ୬୧/୨ କଡ଼ି। ଉତ୍ତର-ଦକ୍ଷିଣ ସ୍କେଚ୍ ମ୍ୟାପ ନାଲି ଚିହ୍ନିତ କରାଯାଇଅଛି। 07th ଅଦ୍ୟ ତା୦୯।୨୦୧୯ ରିଖେ ଅଦାଲତଙ୍କ ମୋହର ସ୍ୱାକ୍ଷର କ୍ରମେ ଦିଆଗଲା।
**ସ୍ୱା./- ସିଭିଲ୍ ଜଜ୍, ଜୁନିୟର ଡିଭିଜନ, ପୁରୀ**
**୦୭।୦୯।୧୯**

## ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ପ୍ରଶ୍ନମାଳା ରାଉତରାୟ**
ରାଇସିମୁଳୀ, ବ୍ରହ୍ମଗିରୀ, ପୁରୀ
ତିରୋଧାନ: ୨୦।୦୯।୨୦୦୨
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ପୁଅ, ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭାଉଜ, ପୁତୁରା, ପୁତୁରା ବୋହୂ ଓ ଆତ୍ମୀୟସ୍ୱଜନ।
ଧ-୫୬୧୮୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଲପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ
ଧ-୧୪୩୦୨

### କାଶୀନଗର ପଞ୍ଚାୟତ ସମିତି ବୈଠକ

## ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଉନ୍ନୟନ କାର୍ଯ୍ୟ ସଫଳ କର

କାଶୀନଗର, ୧୧।୯ (ଡି.ଏନ୍.ଏ.)

କାଶୀନଗର ପଞ୍ଚାୟତ ସମିତି ବୈଠକ ବୁଧବାର ସମିତି ଅଧକ୍ଷ ଚିତ୍ରି ସିମାଦ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ନିର୍ବାଚନ ପରେ ପ୍ରଥମକରି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ କେ. ନାରାୟଣ ରାଓ ବୈଠକରେ ଯୋଗ ଦେଇଥିଲେ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଉନ୍ନୟନ କାର୍ଯ୍ୟକୁ ସଫଳ କରିବା ପାଇଁ ଏମ୍‌ପି ସାହୁ ପଞ୍ଚାୟତ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଶେଷକରି କୃଷି ସମ୍ପର୍କରେ ଆଲୋଚନା ହୋଇଥିଲା। କାଳିଆ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ଓ ଚାଷୀ ପଞ୍ଜୀକରଣ, ବିଷୟରେ ଏଠାରେ ଆଲୋଚନା ହୋଇଥିଲା। ଖାଣ୍ଡବା ସରପଞ୍ଚ ଏଠାରେ ଡାକ୍ତର ନିଯୁକ୍ତି ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି କ୍ଷୁଦ୍ର ଜଳସେଚନ ବିଭାଗର ଚେକ୍‌ଡ୍ୟାମ୍ ନିର୍ମାଣ, ପୋଖରୀ ଖନନ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ୍‌ର ମିଳିତ ସହଯୋଗରେ ସମିତି ରାସ୍ତା ତିଆରି ଓ ମରାମତି ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ଓ ଅନ୍ୟମାନେ।

**OFFICE OF THE PRINCIPAL EKALAVYA MODEL RESIDENTIAL SCHOOL**
Under ST & SC Development Department
Government of Odisha
SIRIGUDA, PO: HALUA, DT; RAYAGADA - 765002,
E-mail - ekalavyamrs@rediffmail.com.
ISO Certified. 9001:2008
School No-53103 Affiliation No -1520008
Letter No.609 /Tender file-VI /EMRS/19, Date : 11.09.2019

**CORRIGENDUM NOTICE**

This is with reference to Quotation Call Notice No 596/Tender file-VI /EMRS/2019 dated 29.08.2019 of EMRS, Siriguda, Rayagada duly published in daily Odia news paper "Dharitri" on dated 30.08.2019 towards procurement of Reading & writing items. In this connection it is for information of all concerned that brand of items mentioned at sl no-01 to 20 under reading writing items may be read as "Any Brand". Other terms and conditions, specification, brand etc of tenders will remain unchanged.

4. Availability of quotation papers was from 30.08.2019 to 09.09.2019 has been extended from 09.09.2019 to 16.09.2019 till 5:00PM.
5. Period of receipt of quotation paper was from 31.08.2019 to 12.09.2019 it has been extended from 12.09.2019 to 18.09.2019.
6. Date and time of opening of quotation papers is 20.09.2019 at 3:00PM in ITDA, Rayagada.

Sd./- Principal
EMRS, Siriguda, Rayagada

## ସଂକ୍ଷେପରେ



### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ମୁନିଗୁଡା, ୧୧।୯(ଡି.ଏନ୍.ଏ.): ରାୟଗଡା ଜିଲା ମୁନିଗୁଡାରେ ଫ୍ରେଣ୍ଡ୍‌ସ କ୍ଲବ ଓ ରାଧାକୃଷ୍ଣ ମନ୍ଦିର ସିଂହଦ୍ୱାର ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଫ୍ରେଣ୍ଡ୍‌ସ କ୍ଲବଠାରେ ପୁରୋହିତ ଶ୍ୟାମସୁନ୍ଦର ଦାସ, ଗୋକୁଳ ମଣ୍ଡା ଓ ଶରତ ଶତପଥୀଙ୍କ ମିଳିତ ପୌରହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ ଓ ପୂଜାର୍ଚ୍ଚନା କରାଯାଇଛି। ସେହିଭଳି ରାଧାକୃଷ୍ଣ ମନ୍ଦିର ସିଂହଦ୍ୱାରଠାରେ ପୁରୋହିତ ଜଗବନ୍ଧୁ ଖଣ୍ଡା, ନିକୁଞ୍ଜ ଶତପଥୀ ଓ ସଦାନନ୍ଦ ମହାପାତ୍ରଙ୍କ ମିଳିତ ପୌରୋହିତ୍ୱରେ ହୋମଯଜ୍ଞ ସହ ନୂତନ ଖାତା ଅନୁକୂଳ କରାଯାଇଛି। ଏଥିସହ କମିଟିମାନଙ୍କ ପକ୍ଷରୁ ଆସନ୍ତା ଦୁର୍ଗାପୂଜା ଓ ରାବଣ ପୋଡି କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଫ୍ରେଣ୍ଡସ କ୍ଲବର ସଭାପତି ସୁଶାନ୍ତ ରତ୍ନାଲୁ, ଉପସଭାପତି ପ୍ରଶାନ୍ତ ପରିଚ୍ଛା, ସମ୍ପାଦକ ଡମ୍ବରୁ ସାସମଲ, ପଦ୍ମନ ପାତ୍ର, ଭଗବାନ ସାହୁ, ଜିତେନ୍ଦ୍ର ଦାସ ଏବଂ ସିଂହଦ୍ୱାର ପୂଜା କମିଟିର ସଭାପତି ହାଡିଆ ଗୌଡ, ବୃନ୍ଦାବନ ପାଢି, ବାଳକୃଷ୍ଣ ପଟ୍ଟନାୟକ, ଜାମି ମହେଶ, ଟେକର ଏବଂ ଉପଦେଷ୍ଟା ପୂର୍ବତନ ବିଧାୟକ ସାରଙ୍ଗ କାଡ୍ରାକା, ରତନଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

### ୭୦ ହଜାର ଟଙ୍କାର କାଠ ଜବତ




ରାୟଗଡ଼ା ଅଫିସ, ୧୧।୯: ଚୋରା ଚାଲାଣ ହେଉଥିବା ଏକ କାଠ ବୋଝେଇ ଭ୍ୟାନ୍‌କୁ ବୁଧବାର ରାୟଗଡ଼ା ବନବିଭାଗ ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜଣକ କେରେଡା ନିକଟସ୍ଥ ଅତଡା ଗ୍ରାମର ବୈକୁଣ୍ଠ ଆରିକା। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୈକୁଣ୍ଠ ଆନ୍ଧ୍ରର ପାର୍ବତୀପୁରମ୍‌ରୁ ମହେନ୍ଦ୍ର ବୋଲେରୋ ପିକ୍‌ଅପ୍ ଭ୍ୟାନ ଯୋଗେ କାଠ ନେଇ ଆସୁଥିବା ରାୟଗଡ଼ା ବନବିଭାଗ ଖବର ପାଇଥିଲା। ପରେ ବନ ବିଭାଗ କର୍ମଚାରୀ ପିତାମହଲ ଛକରେ ଉକ୍ତ ଭ୍ୟାନ୍‌ଟିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୮୬ଟି ଟି ଶାଗୁଆନ୍ ପଟ୍ଟା ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୭୦,୦୦୦ ହେବ ବୋଲି ତଦନ୍ତକାରୀ ଅଧିକାରୀ ଡମ୍ବରୁଧର ନାୟକ କହିଛନ୍ତି। ଏ ନେଇ ୨୯୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସହକାରୀ ବନ ସଂରକ୍ଷକ ପ୍ରଭାକର ସେନାପତିଙ୍କ ତତ୍ତ୍ୱାବଧାନରେ ବନ ବିଭାଗ ଏହି ଚଢାଉ କରିଥିଲା।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

## ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା



ରାୟଗଡ଼ା ଅଫିସ, ୧୧।୯

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କାରଖାନା ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତିକୁ ନେଇ ବୁଧବାର ତ୍ରିପାକ୍ଷିକ ଆଲୋଚନା ହୋଇଛି। ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦୋରାଗୁଡା ଆଇଆଇସି କୃଷ୍ଣଚନ୍ଦ୍ର ବାତରା, କାଶୀପୁର ତହସିଲଦାର ସୌଭାଗ୍ୟ ବେହେରା, ଶ୍ରମ ଆୟୁକ୍ତ ପି.କେ. ତ୍ରିପାଠୀ, ଏସ୍‌ଡିପିଓ ତମନ ନାରାୟଣ ରଥ, ଉତ୍କଳ ଆଲୁମିନା ଏଡ୍‌ମିନିଷ୍ଟ୍ରେଶନ ମ୍ୟାନେଜର ସୁକାନ୍ତ ମହାପାତ୍ର, ଭିପିଏଚ୍‌ଆର ଟିଏମ୍. ବିଜୟ ବିଭୁ ଛାଟୋଇ, ଶିବ ଶଙ୍କର ପ୍ରକାଶ, ହ୍ୟୁମାନ୍ ରିସୋର୍ସ ବିଭାଗର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉତ୍କଳ ଆଲୁମିନା ପ୍ରତିଷ୍ଠା ବେଳେ ଜମିହରା ପରିବାରକୁ ସ୍ଥାୟୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ତାହା ଏଯାଏଁ ପୂରଣ ହୋଇନି। ୨୦୧୫ରୁ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ତାହା ପୂରଣ ହୋଇପାରୁନି ବୋଲି କର୍ମଚାରୀମାନେ କହିଥିଲେ। କମ୍ପାନୀରେ ପଦବୀ ଖାଲି ନ ଥିବାରୁ ଏ ନେଇ ଟିକେ ସମୟ ଲାଗିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ଆଜିର ବୈଠକର କୌଣସି ନିର୍ଯାସ ବାହାରି ନ ଥିଲା। ୨୨ ତାରିଖରେ ପରବର୍ତ୍ତୀ ବୈଠକ କରାଯିବ ବୋଲି ଆଲୋଚନା ହୋଇଥିଲା।



ବାଇକ୍‌ର ମୃତଦେହ ନିଆଯାଉଛି।

## ବାଇକ୍‌ରେ ବୁହାହେଲା ମୃତଦେହ

ଗୁଣପୁର,୧୧।୯(ଡି.ଏନ.ଏ)

ମୃତଦେହ ଘରକୁ ନେବାକୁ ମିଳିଲାନି ମହାପ୍ରୟାଣ ଗାଡ଼ି। ତେଣୁ ମୃତକଙ୍କ ପରିବାର ପ୍ରାୟ ୮କିମି ବାଇକ୍‌ରେ ମୃତଦେହକୁ ବୋହି ଘରକୁ ଆଣିଛନ୍ତି। ପ୍ରକାଶ ଯେ, ଗୁଡାରୀ ବ୍ଲକ ମଧୁବନ ପଞ୍ଚାୟତ ପିତାମହଲ ଗ୍ରାମର ଡମ୍ବରୁ ପାତିକା(୧୯)ଙ୍କୁ ଜ୍ୱର ହୋଇଥିଲା। ଜ୍ୱର ଅଧିକ ହେବାରୁ ପରିବାର ଲୋକେ ତାଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ନେବାକୁ ଗାଡି ଖୋଜା ଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡି ନ ଥିବାରୁ ବାଧ ହୋଇ ବାଇକ୍‌ରେ ମୃତଦେହ ନେବାକୁ ସ୍ଥିର କରିଥିଲେ। ଡମ୍ବରୁଙ୍କ ଭାଇ କୈଳାସ ବାଇକ୍ ଚଳାଇ ଥିବାବେଳେ ଅନ୍ୟ ଜଣେ ସମ୍ପର୍କୀୟ ମୃତଦେହ ଧରି ପଛରେ ବସିଥିଲେ। ମୃତଦେହକୁ ୮କିମି ବାଇକ୍‌ରେ ବୋହି ସେମାନେ ଘରକୁ ନେଇଥିଲେ। ଏ ନେଇ ମେଡିକାଲ୍ ଅଫିସର ଅରୂପାନନ୍ଦ ବେହେରାଙ୍କୁ ପଚାରିବାରୁ ଘଟଣା ଘଟିବା ବେଳେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ନ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଟିଏ ଗାଡି ରାୟଗଡ଼ା ଯାଇଥିବା ବେଳେ ଆଉ ଗୋଟିଏ ଗାଡି ଗୁଡ଼ାରୀର ଅନ୍ୟ ଏକ ସ୍ଥାନକୁ ଯାଇଥିଲା। କିଛି ସମୟ ଅପେକ୍ଷା କରିବାକୁ ମୃତକଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। କିନ୍ତୁ ବର୍ଷା ଆସୁଛି, ତେଣୁ ମୃତଦେହ ଜଲ୍‌ଦି ନେବାକୁ ହେବ କହି ସେମାନେ ବାଇକ୍‌ରେ ନେଇ ଯାଇଥିବା ସେ କହିଛନ୍ତି।

### ସହରର ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ

# ୪୦ କେଜି ପଲିଥିନ ଜବତ

## ୮,୫୦୦ ଜରିମାନା ଆଦାୟ



ଦୋକାନରୁ ପଲିଥିନ୍ ଜବତ କରାଯାଇଛି।

ରାୟଗଡ଼ା ଅଫିସ, ୧୧।୯

ରାୟଗଡ଼ା ପୌର ପରିଷଦ ପକ୍ଷରୁ ବୁଧବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଲିଥିନ୍ ଜବତ ସହ ଜରିମାନା ଆଦାୟ କରାଯାଇଛି। ପୌରପାଳିକା ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସହରର ତୁମ୍ପିଗୁଡା ଛକ, କସ୍ତୁରୀନଗର, ମେନ୍‌ଲାଇନ୍, ଡେଲି ମାର୍କେଟର ସବୁ ଦୋକାନ ବଜାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ପ୍ରାୟ ୧୮ଟି ଦୋକାନରୁ ୪୦ କେଜି ପଲିଥିନ୍ ଜବତ ହୋଇଛି। ସେମାନଙ୍କଠାରୁ ୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ସାନିଟେଶନ୍ ଇନ୍ସପେକ୍ଟର ମି. ବାଲରାଜୁ, ହେଲ୍‌ଥ ୱାର୍କର ସୁନ୍ଦର ରାଓ ମିଣିଆକା, ରାଜେଶ ଗାଣ୍ଟା, ଟାକ୍ସ କଲେକ୍ଟର ବିମିନ୍ ବିଶୋୟୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତଥିଲେ। ସହରକୁ ପଲିଥିନ୍ ମୁକ୍ତ କରିବା ପାଇଁ ଏଭଳି ଚଡାଉ କରାଯାଇଛି ବୋଲି ସେମାନେ କହିଛନ୍ତି।

## ବିନୋବା ଭାବେଙ୍କ ଜୟନ୍ତୀ

ବିଷମକଟକ/ମୁନିଗୁଡ଼ା, ୧୧।୯(ଡି.ଏନ୍.ଏ.)

ବିଷମକଟକ ବ୍ଲକ ତାଡିଙ୍ଗିପାଇରେ ବୁଧବାର ସତ୍ୟାଗ୍ରହୀ ସନ୍ଥ ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଛି। ଜୟରାମ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶାନ୍ତିଦେବୀ, ପ୍ରମିଳା ସ୍ୱାଇଁ, ବିଦ୍ୟୁଲତା ହୁଇକା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ରମାକାନ୍ତ ମଣ୍ଡଳ, ଖବରଦାତା ବାଦଲ ତା, ଜଗନ୍ନାଥ ନୁଣ୍ଡ୍ରୁକା, ପୃଥ୍ୱିରାଜ ସାହୁ, ଜ୍ୟୋତି ପ୍ରସାଦ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମ ଉପକଣ୍ଠରେ ଚାରା ରୋପଣ ବିନୋବା ସ୍ମାରକୀ ମହିଳା ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ,ସାଧାରଣ ସଭା ଆଦି କରାଯାଇଥିଲା। ସେହିଭଳି ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ନିଜ କ୍ଷେତ୍ରରେ ସଫଳତା ହାସଲ କରିଥିବା ଶିକ୍ଷୟତ୍ରୀ ଶିକ୍ଷକ, ସଫଳ ଚାଷୀ, ଲୋକ ପ୍ରତିନିଧି, ଖବରଦାତା, ସାମାଜିକ କର୍ମୀ, ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ କର୍ମୀ, ଉଦ୍ୟୋଗୀ ଏବଂ କର୍ଣ୍ଣଶିଳ୍ପୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଫାର୍, ହର୍ଷ ଟ୍ରଷ୍ଟ, ମହାଶକ୍ତି ଫାଉଣ୍ଡେସନ୍, ଆକ୍ସନ୍ସ, ପ୍ରିୟା ଅନୁଷ୍ଠାନ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୌରାଙ୍ଗ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନନ୍ତ ସାମନ୍ତ, ଶରତ ସାହୁ, ବାସନ୍ତୀ ହିକ୍‌କା, ଯଶ୍ମିତା ଗମାଙ୍ଗ ଏଥିରେ ସହାୟତା କରିଥିଲେ। କାଳିନ୍ଦୀ ନାୟକ ଧନ୍ୟବାଦ ଦେଇଥିଲେ।

# ରାମକୃଷ୍ଣ ମିଶନରେ ସର୍ବଧର୍ମ ଆଲୋଚନା

ମୁନିଗୁଡା, ୧୧।୯(ଡି.ଏନ୍.ଏ.)

ହାଟମୁନିଗୁଡାସ୍ଥିତ ରାମକୃଷ୍ଣ ମିଶନ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣର ୧୨୫ ବର୍ଷ ପୂର୍ତ୍ତି ଅବସରରେ ଏକ ଇଣ୍ଟର ଫେଥ୍ ମିଟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ରାମକୃଷ୍ଣ ମିଶନ ସମ୍ପାଦକ ସ୍ୱାମୀ ଗୀତାତ୍ମାନନ୍ଦଜୀ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋଠାରେ ଦେଇଥିବା ଭାଷଣ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନ୍ୟାସନାଲ ଚିଲଡ୍ରେନ୍ ସାଇନ୍ସ କଂଗ୍ରେସ ଜିଲା ସଂଯୋଜକ ପ୍ରଦୀପ କୁମାର ମିଶ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ମାନବେନ୍ଦ୍ର ମିଶ୍ର ଓ ସ୍ୱାମୀ ପ୍ରଭୁଭାରନନ୍ଦଜୀ ମହାରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ରାମକୃଷ୍ଣ ମିଶନର ଛାତ୍ର ରମେଶ ପାଙ୍ଗୀ, ଚେତନ ଗମାଙ୍ଗ, ସେନାପତି କୁମୁରୁକା, କାମେଶ୍ୱର ନୁଣ୍ଡ୍ରୁକା, ଦୁର୍ଯ୍ୟ କାଡ୍ରାକା, ଗିରିଶ ସାରମୁକା, ଚନ୍ଦନ ମାଝି, କୁଜା କଣ୍ଡାଗିରି, ରୁଦ୍ରାକ୍ଷ ମାଝି ଓ ସନାତନ କ୍ରିସାନୀ ପ୍ରମୁଖ ବିଭିନ୍ନ ଧର୍ମ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ରାମକୃଷ୍ଣ ମିଶନର ବରିଷ୍ଠ ଶିକ୍ଷକ ରଙ୍ଗନାଥ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# ଡାଲିଆକୁଜି ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

### ବିରୋଧ କରୁଥିବା ସରପଞ୍ଚ,ସମର୍ଥକ ଯୋଗ ଦେଲେନି



ମନ୍ତ୍ରୀ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ବିଷମକଟକ/ମୁନିଗୁଡା, ୧୧।୯ (ଡି.ଏନ୍.ଏ.)

ବହୁ ବାଦ ବିବାଦ ପରେ ବୁଧବାର ଡାଲିଆକୁଜିରେ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି, ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ବିଡିଓ ଆଲବଟ ଲାକଡା,ବ୍ଲକ ଅଧ୍ୟକ୍ଷା ବିଜୟ ଶାନ୍ତି କୁମୁରିକା, ଉପାଧ୍ୟକ୍ଷ ରମେଶ ପାଲକା, ଡାଲିଆକୁଜି ସମିତି ସଭ୍ୟା ଶକୁନ୍ତଳା ବାଘ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାର ୨୦୧୭ରେ ଗ୍ରାମ ପଞ୍ଚାୟତ ପୁନର୍ଗଠନ କରିଥିଲେ। ଏହି ସମୟରେ ବିଷମକଟକ ବ୍ଲକ ଅଧୀନ ହାଟମୁନିଗୁଡା ପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବେ ଡାଲିଆକୁଜି ପଞ୍ଚାୟତ ଗଠନ ହୋଇଥିଲା। ପରେ ଡାଲିଆକୁଜିରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ମାଲିଡେପାଗୁଡା ଗ୍ରାମରେ ସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଡାଲିଆକୁଜି ସରପଞ୍ଚ ଦିପାଇ ହିକ୍‌କା ଓ ତାଙ୍କ ସମର୍ଥକ ଅଡି ବସିଥିଲେ। ଏହାକୁ ନେଇ ସରପଞ୍ଚ, ସମିତି ସଭ୍ୟ ଓ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ବ୍ଲକ ପ୍ରଶାସନ ଦ୍ୱାରା ଡାଲିଆକୁଜିରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସରପଞ୍ଚ ଗୋଷ୍ଠୀ ଏହାକୁ ବିରୋଧ କରି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରେ କୋଠା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ପରେ ଡାଲିକୁଜିରେ ହିଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବା ନେଇ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ପରେ ସେଠାରେ ପଞ୍ଚାୟତ କାର୍ଯ୍ୟାଳୟ କୋଠା କାମ ଆଗେଇ ଥିଲା। ନିର୍ମାଣ କାର୍ଯ୍ୟ ସରିବା ପରେ ବୁଧବାର ଏହା ଉଦ୍‌ଘାଟିତ ହୋଇଛି। ଏଥିରେ କିନ୍ତୁ ସରପଞ୍ଚ ଓ ତାଙ୍କ ସମର୍ଥକ ସାମିଲ ହୋଇ ନ ଥିଲେ।

# ପଦ୍ମପୁରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା



ନିଯୁକ୍ତି ମେଳାରେ ଭାଗ ନେଇଥିବା ଯୁବତୀ ଯୁବକ।

ପଦ୍ମପୁର, ୧୧।୯(ଡି.ଏନ୍.ଏ.)

ପଦ୍ମପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୧୫ରୁ ୩୫ ବର୍ଷ ମଧ୍ୟରେ ୧୭୬ ଜଣ ଯୁବତୀ ଯୁବକ ସାମିଲ ହୋଇ ନାମ ପଞ୍ଜୀକରଣ କରିଥିଲେ। ଦକ୍ଷତା ଅନୁଯାୟୀ ୧୦୬ଜଣ ପିଲାଙ୍କୁ ଚୟନ କରାଯାଇଛି। ଏହି ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ପଦ୍ମପୁର ବିଡିଓ ଅଗସ୍ତୀ ପ୍ରଧାନ, ଏପିଓ ବିଶିକେଶନ ଲିମା, ଓରମାସ୍ ଆସିଷ୍ଟାଣ୍ଟ ଡାଇରେକ୍ଟର ମନୋଜ ସାମଲ, ଜିଲା କୋଅର୍ଡିନେଟର ଆଦିତ୍ୟ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଜିଆର୍‌ଏସ୍ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ୮ଟି ପ୍ରୋଜେକ୍ଟ ସ୍ଥାନ ପାଇଥିଲା। ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

## ପୋଷଣ ଅଭିଯାନ କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ, ୧୧।୯

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବୁଧବାର ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଚଞ୍ଚଳ ଜେନ ଉପସ୍ଥିତ ଥିଲେ। ସେ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏନ୍‌ଏସ୍‌ଏସ୍ ଅଫିସର ଡ଼. ଅର୍ଚ୍ଚନା ପଟ୍ଟନାୟକ, ଡ. ସରିତା ମିଶ୍ର, ପ୍ରତିମା ପଣ୍ଡାଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସାମିଲ ହୋଇଥିଲେ।




ଶୋଭାଯାତ୍ରାରେ ଛାତ୍ରୀମାନେ ଯାଉଛନ୍ତି।

# ସଚେତନତା ବାର୍ତ୍ତା ଦେଲେ ଛାତ୍ରୀ

## ସ୍ୱଚ୍ଛତା ପକ୍ଷ ପାଳିତ

ଚନ୍ଦ୍ରପୁର, ୧୧।୯(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ଡାଙ୍ଗସେରଡ଼ା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରିବେଶକୁ ସ୍ୱଚ୍ଛ ରଖିବାକୁ ସେମାନେ ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନଙ୍କ ନେତୃତ୍ୱରେ ଶୋଭାଯାତ୍ରାଟି ବାହାରି ଥିଲା। କାର୍ଯ୍ୟକ୍ରମ ପରିଚାଳନରେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ଶିକ୍ଷକ ହରେକୃଷ୍ଣ ବ୍ରହ୍ମା, ପ୍ରଭାତୀ ସେଠୀ, ମନୋରଞ୍ଜନ ବେହେରା ସହଯୋଗ କରିଥିଲେ। ଗୁରୁବାର ସ୍କୁଲ କମିଟି ସଦସ୍ୟ ଓ ଗ୍ରାମବାସୀ ଗାଁ ସଫେଇ କରିବେ।

# ଦୟନୀୟ ଅବସ୍ଥାରେ ଗୁଣପୁର ବିଇଓ ଅଫିସ

- ଛାତରୁ ଗଳୁଛି ପାଣି
- ପାଚେରି ନ ଥିବାରୁ ଗୋରୁଙ୍କ ଚରାଭୂମି ପାଲଟିଛି।



ଗୁଣପୁର ବିଇଓ ଅଫିସ।

ଗୁଣପୁର,୧୧।୯(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅବସ୍ଥା ଏବେ ଶୋଚନୀୟ। କାର୍ଯ୍ୟାଳୟ ଛାତରୁ ପାଣି ଗଳୁଥିବାବେଳେ ସିମେଣ୍ଟ ଖସି ରଡ୍ ଦେଖାଯାଉଛି। ଏହା ବିପଦସଙ୍କୁଳ ଭାବେ ରହିଛି। କିନ୍ତୁ ଏଥିପ୍ରତି ଶିକ୍ଷା ବିଭାଗ ନା ପ୍ରଶାସନର କାହାର ଦୃଷ୍ଟି ପଡୁନାହିଁ। ଶିକ୍ଷକ ବଦଳି ସହ ଅନ୍ୟ ପ୍ରସଙ୍ଗକୁ ନେଇ ଶିକ୍ଷା ବିଭାଗ ଚର୍ଚ୍ଚାରେ ରହୁଥିବାବେଳେ ଏହାର ସ୍ଥିତି ଦେଖିବାକୁ କାହାର ନଜର ନାହିଁ। ୧୯୭୭ରେ ଗୁଣପୁର, ପଦ୍ମପୁର, ଗୁଡାରି, ରାମନାଗୁଡା, ଚନ୍ଦ୍ରପୁର, ମୁନିଗୁଡା ଏବଂ ବିଷମକଟକ ଏପରି ୭ଟି ବ୍ଲକକୁ ନେଇ ଗୁଣପୁର ଶିକ୍ଷା ଜିଲା ରହିଥିଲା। ଜିଲା ଶିକ୍ଷାଧିକାରୀ ଏଠାରେ କାମ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଶିକ୍ଷା ଜିଲା ଗୁଡିକ ଭାଙ୍ଗି ପ୍ରତି ବ୍ଲକକୁ ନେଇ ଗୋଷ୍ଠୀ ଶିକ୍ଷା ବିଭାଗ ଖୋଲିଥିଲେ। ଏପରି କ୍ରମରେ ୧ ଏପ୍ରିଲ ୨୦୧୪ରେ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ହୋଇଥିଲା। ଗୁଣପୁର କଲେଜ ସାମ୍ନାରେ ଏହାର ନିଜସ୍ୱ ଭୂମି ରହିଛି। ୨୦୦୨ରେ ସେଠାରେ ଏହି କୋଠା ନିର୍ମାଣ ହୋଇଥିଲା। ଏହା ବର୍ତ୍ତମାନ ବିଭିନ୍ନ ସମସ୍ୟା ମଧ୍ୟରେ ବୁଡି ରହିଛି। କାର୍ଯ୍ୟାଳୟ ପାଚେରି ନ ଥିବାରୁ ଏହାର ଅନେକ ଜମି ଜବର ଦଖଲ ହୋଇଛି। ବୁଲା ଗୋରୁଙ୍କ ଏହା ଚରାଭୂମି ପାଲଟିଛି। ଏହି କାର୍ଯ୍ୟାଳୟକୁ ଯିବା ପାଇଁ ଉପଯୁକ୍ତ ରାସ୍ତା ମଧ୍ୟ ନାହିଁ। ରକ୍ଷଣା ବେକ୍ଷଣ ଅଭାବରୁ ଛାତରୁ ପାଣି ଗଳୁଛି। ଛାତର ସିମେଣ୍ଟ ପ୍ଲାଷ୍ଟର ଖସି ଲୁହା ଛଡ ଦେଖାଯାଉଛି। ପାଣି ଗଳିବା ଯୋଗୁ ଅଫିସରେ ବସିବା ଅସୁବିଧା ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଆସବାବପତ୍ର ସବୁ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନି। ଏହା ବିଡମ୍ବନାର ବିଷୟ ବୋଲି ବୁଦ୍ଧିଜୀବୀ କହିଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୧୨ /୨୦୧୯ Rayagada, Thursday, September 12/ 2019

■ ମହଙ୍ଗା ପଡ଼ିଲା କାର୍ଯ୍ୟରେ ଅବହେଳା, ଅସହଯୋଗ

# ପିଇଓ, ପିଅନଙ୍କୁ ୬ଘଣ୍ଟା ତାଲା ଠୁଙ୍କିଲେ ପଞ୍ଚାୟତବାସୀ

ନବରଙ୍ଗପୁର/ଝରିଗାଁ, ୧୧।୯(ବି.ପ୍ର./ସ୍ୱ.ପ୍ର.)


ଥାନା ଅଧିକାରୀ ପଞ୍ଚାୟତବାସୀଙ୍କ ସହ ଆଲୋଚନା କରୁଛନ୍ତି



ପିଇଓ ଏବଂ ପିଅନଙ୍କୁ ପଞ୍ଚାୟତାବାସୀ ତାଲା ପକାଇଛନ୍ତି ।

କାର୍ଯ୍ୟରେ ଅବହେଳା ଏବଂ ପଞ୍ଚାୟତବାସୀଙ୍କୁ ସହଯୋଗ ନ କରିବା ପିଇଓଙ୍କୁ ମହଙ୍ଗା ପଡ଼ିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନସ୍ଥ ବଡ଼ଟେମରା ପଞ୍ଚାୟତର ପିଇଓ କାଳିପଦ କିର୍ତ୍ତନୀୟା ଓ ପିଅନ କମଲୁ ଜାନୀଙ୍କୁ ବୁଧବାର ପଞ୍ଚାୟତବାସୀ ୬ଘଣ୍ଟା ଧରି ତାଲା ପକାଇ ରଖିଥିଲେ। ପଞ୍ଚାୟତବାସୀଙ୍କ କୌଣସି ସମସ୍ୟାର ସମାଧାନ କ୍ଷେତ୍ରରେ ସହଯୋଗ କରୁ ନ ଥିବା ଯୋଗୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଚାଉଳ ଗୋଦାମରେ ପାଣି ଗଳି ଚାଉଳ ନଷ୍ଟ ହେଉଥିବାବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପଞ୍ଚାୟତରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ପୂର୍ବରୁ ହିତାଧିକାରୀ ପାଣି ପାଉଥିଲେ । ହେଲେ ଏବେ ପାଣି ଯୋଗାଣ ବନ୍ଦ ରହିଛି । ଏହାର ମରାମତି କରିବା ପାଇଁ ପଞ୍ଚାୟତବାସୀ ଟଙ୍କା ଯୋଗାଡ଼ କରି ଦେଇଥିଲେ । ତଥାପି ମରାମତି ହେଲାନାହିଁ। ସେହିପରି ପ୍ରତ୍ୟେକ ମାସରେ ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡ ମେମ୍ବରମାନଙ୍କୁ ନେଇ ବୈଠକ କରି ପଞ୍ଚାୟତର ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପିଇଓଙ୍କ ଦେଖା ମିଳୁ ନ ଥିଲା। ପଲ୍ଲୀସଭା ଓ ପଞ୍ଚାୟତ ବୈଠକରେ ଯାହା ନିଷ୍ପତ୍ତି ହୋଇଛି ତହାର ମଧ୍ୟ କୌଣସି ସୂଚନା ଦେଉ ନ ଥିଲେ। ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସି ୱାର୍ଡ ମେମ୍ବରମାନଙ୍କ ମାସିକ ଭତ୍ତା ପ୍ରଦାନ ଦିନ ହିଁ ଆସୁଥିଲେ। ପିଇଓଙ୍କ ଏ ସମସ୍ତ କାର୍ଯ୍ୟକୁ ନେଇ ପଞ୍ଚାୟତବାସୀ ଝରିଗାଁ ବିଡିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ତେବେ କୌଣସି ସୁଫଳ ମିଳି ନ ଥିଲା। ବୁଧବାର ଅପରାହ୍ନ ସାଢ଼େ୩ଟାରେ ପିଇଓ କିର୍ତ୍ତନିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବାବେଳେ ନାଏବ ସରପଞ୍ଚ ରତନା ଜାନୀ, ୱାର୍ଡ ମେମ୍ବର ମାରକୁ ଜାନୀ, ଟୁଲୁ ମାଝୀ, ପଞ୍ଚାୟତ ବାସୀ ଅମିନ ଜାନୀ, ଘାସିରାମ ଜାନୀ, ସନ୍ୟାସୀ ଜାନୀ, ସନ୍ତୋଷ ପୂଜାରୀଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ଉଭୟ ପିଇଓ କିର୍ତ୍ତନୀୟା ଓ ପିଅନ କମଲୁଙ୍କୁ ବନ୍ଦ କରି ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଖବର ପାଇ ଝରିଗାଁ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ଓ ଏଏସ୍ଆଇ ଅଶୋକ ପାଳ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ଆଲୋଚନା ପରେ ରାତିରେ ଉତ୍ତ୍ୟକ୍ତ ଲୋକେ ତାଲା ଖୋଲିଥିବା ଜଣାପଡ଼ିଛି।

■ ଦଲାଲଙ୍କ ଶିକାର ହେଉଛନ୍ତି ଯୁବଗୋଷ୍ଠୀ

# ସ୍ୱତନ୍ତ୍ର ଲାଇସେନ୍ସ, ବୀମା କାର୍ଯ୍ୟାଳୟ ଖୋଲିବାକୁ ଦାବି

**୧୨୦ କିମି ଦୂରରେ ପରିବହନ ଓ ବୀମା କାର୍ଯ୍ୟାଳୟ**

ଚନ୍ଦାହାଣ୍ଡି,୧୧।୯

ସେପ୍ଟେମ୍ବର ପହିଲାରୁ ନୂତନ ମୋଟର ଯାନ ଆଇନ କାର୍ଯ୍ୟକାରୀ ହେବା ପରେ ଚନ୍ଦାହାଣ୍ଡି ଅଞ୍ଚଳର ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅଧିକାଂଶ ବାଇକ୍, ଅଟୋ ଓ ଟ୍ରାକ୍ଟର ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ବୀମା ନାହିଁ। ଅଞ୍ଚଳର ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁ ବାହାର ରାଜ୍ୟରେ ଦାଦନ ଖଟି ପରିବାର ଚଳାଇଥାନ୍ତି। ଏଭଳି ପରିସ୍ଥିତିରେ ପରିବହନ କାର୍ଯ୍ୟାଳୟ ଏବଂ ବୀମା କାର୍ଯ୍ୟାଳୟ ୧୨୦ କିମି ଦୂରରେ ରହିଥିବାବେଳେ ଲାଇସେନ୍ସ ଓ ବୀମା ପାଇଁ କିପରି ଆବେଦନ କରାଯିବ ସେ ସମ୍ପର୍କରେ ଜାଣି ନ ଥିବାରୁ ଦଲାଲମାନେ ନିରୀହ ଲୋକଙ୍କୁ ଅଧିକ ଟଙ୍କା ଦାବି କରୁଥିବା ଅଭିଯୋଗ ହେଉଛି। ମୋଟା ଅଙ୍କରେ ଜରିମାନା ଆଦାୟ ହେଉଥିବା ଜାଣି ଗାଡ଼ି ଚାଳକମାନେ ମଧ୍ୟ ଦଲାଲଙ୍କୁ ଅଧିକ ଟଙ୍କା ଦେବାପାଇଁ ବାଧ୍ୟ ହେଉଛନ୍ତି। ଯେଉଁମାନେ ଲାଇସେନ୍ସ ଓ ବୀମା କରିପାରିନାହାନ୍ତି, ସେମାନେ ଭୟରେ ଗାଡ଼ି ନେଇ ବ୍ଲକ୍ ମୁଖ୍ୟାଳୟକୁ ମଧ୍ୟ ଯାଉନାହାନ୍ତି। ଫଳରେ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏପରିକି ଲୋକେ ରୋଗୀଙ୍କୁ ନେଇ ମେଡିକାଲ ଯିବାକୁ ମଧ୍ୟ ଭୟ କରୁଛନ୍ତି। ତେଣୁ ଜିଲା ପରିବହନ ଅଧିକାରୀ, ବିଧାୟକ ଓ ଏମ୍‌ପି ଏଥିପ୍ରତି ଦୃଷ୍ଟିଦେଇ ଚନ୍ଦାହାଣ୍ଡିରେ ଏକ ସ୍ୱତନ୍ତ୍ର କେନ୍ଦ୍ର ଖୋଲି ଲାଇସେନ୍ସ ଓ ବୀମା ସୁବିଧା ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

# ପ୍ୟାରେଣ୍ଟସ୍ ପ୍ରାଇଡ୍ ସ୍କୁଲରେ ସ୍ୱଚ୍ଛତା ପ୍ରଶିକ୍ଷଣ


ଶିକ୍ଷୟିତ୍ରୀ ଛାତ୍ରଙ୍କୁ ସ୍ୱଚ୍ଛତା ସମ୍ପର୍କରେ ବୁଝାଉଛନ୍ତି ।

ନବରଙ୍ଗପୁର,୧୧।୯(ବି.ପ୍ର.)

ସ୍ଥାନୀୟ ପ୍ୟାରେଣ୍ଟସ୍ ପ୍ରାଇଡ୍ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ବୁଧବାର ଏକ ସ୍ୱଚ୍ଛାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାଇବା, ଶୌଚ ପୂର୍ବରୁ ଓ ପରେ କିଭଳି ହାତ ସଫା କରିବା ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହାସହ ନିଜ ଶରୀର, ପୋଷାକ ଏବଂ ଘରକୁ କିପରି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ମଧ୍ୟ ସଚେତନ କରାଯାଇଥବଲା। ସ୍କୁଲର ଅଧ୍ୟକ୍ଷ ଏ. ଅରୁଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ନାଳକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

କୋଡ଼ିଙ୍ଗା,୧୧।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡୁରକାଗୁଡ଼ା ଗ୍ରାମର ଶୁକ୍ରୁ ଭତରା ମଙ୍ଗଳବାର ରାତିରେ ଗ୍ରାମ ନିକଟସ୍ଥ ନାଳକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମରେ ଗଣେଶ ବିସର୍ଜନ ହୋଇଥିଲା। ଏଥିରେ ଯୋଗଦେଇ ଶୁକ୍ରୁ ଘରକୁ ଫେରିଥିଲେ। ତେବେ ଘରେ ସ୍ତ୍ରୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା । ଏହା ପରେ ସେ ଦୌଡ଼ିଯାଇ ପୋଲ ଉପରୁ ନାଳକୁ ଡେଇଁ ପଡ଼ିଥିଲେ। ଶୁକ୍ରୁଙ୍କ ପଛରେ ମା’ ଦୌଡ଼ି ଯାଇଥିଲେ ମଧ୍ୟ ସେତେବେଳକୁ ସେ ନାଳକୁ ଡେଇଁପଡ଼ିଥିଲେ। ଗ୍ରାମ ଲୋକଙ୍କ ଡାକି ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ନାଳରେ ଅଧିକ ପାଣି ଥିବା ଯୋଗୁ ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନ ଥିଲା। ବୁଧବାର ସକାଳେ କିଛି ଦୂରରେ ଗ୍ରାମବାସୀ ତାଙ୍କ ମୃତଦେହ ଠାବ କରିଥିଲେ। ଏ ସମ୍ପର୍କରେ କୋଡିଙ୍ଗା ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଦନ୍ତ ଚଳାଇଥିବା ସୂଚନା ମିଳିଛି।

■ ପଞ୍ଚାୟତ ସମିତି ବୈଠକ

# ଠିକ୍ ଯାଞ୍ଚ କରି ଆବାସ ଗୃହ ଯୋଗାଇଦେବାକୁ ଗୁରୁତ୍ୱ

କୋଷାଗୁମୁଡ଼ା,୧୧।୯(ଡି.ଏନ୍.ଏ

କୋଷାଗୁମୁଡ଼ା ପଞ୍ଚାୟତ ସମିତିର ଏକ ବୈଠକ ବୁଧବାର ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧ୍ୟକ୍ଷା ଗୀତାମଣି ସମରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ୍ ଉପାଧ୍ୟକ୍ଷ ପଦମସାଏ ମାଳୀ, ଏମ୍‌ପି ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରତିନିଧି ପ୍ରଶାନ୍ତ ବକ୍ସି, ଜିଲା ପରିଷଦ ସଭ୍ୟା କାମିନୀ ହରିଜନ, ବଳି ଭତ୍ରା, ଯୁଗଧର ହରିଜନ ଏବଂ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ବୈଠକରେ ପାନୀୟଜଳ, କୃଷି, ମୃତ୍ତିକା ସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁକଲ୍ୟାଣ, ପ୍ରାଣୀ ଚିକିତ୍ସା, ସାମାଜିକ ସୁରକ୍ଷା ଓ ଦାରିଦ୍ର୍ୟତା ଦୂରୀକରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୨୮ ହିତାଧିକାରୀଙ୍କ ଆବାସ ମଞ୍ଜୁର ହୋଇଥିବାବେଳେ ତାଲିକାଭୁକ୍ତ ଓ ଅଣତାଲିକାଭୁକ୍ତ ହିତାଧିକାରୀଙ୍କୁ ସଠିକ୍ ଯାଞ୍ଚ କରି ଗୃହ ଯୋଗାଇଦେବା ପାଇଁ ଏଠାରେ ଆଲୋଚନା କରାଯାଇଥିଲା। ଆମ ଗାଁ ଆମ ବିକାଶ ଯୋଜନାରେ ୨୭୧ ପ୍ରକଳ୍ପ ମଧ୍ୟରୁ ୬୬ଟି ସମ୍ପୂର୍ଣ୍ଣ ହୋଇଥିବା ଆଲୋଚନା ହୋଇଥିଲା। ବୈଠକରେ ୨୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ପଟ୍ଟନାୟକ, ଜିପିଇଓ ତ୍ରିଲୋଚନ ଛଞ୍ଚାଣ ଉପସ୍ଥିତ ଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ କୃପାସିନ୍ଧୁ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଘର ଆଗରୁ ଗାଡ଼ି ଚୋରି

ଦିଗପହଣ୍ଡି,୧୧।୯(ଡି.ଏନ.ଏ.)

ଦିଗପହଣ୍ଡି ଥାନା କୋଟିନଡ଼ା ଗ୍ରାମର କାଳୁ ଜେନାଙ୍କ ଘର ଆଗରୁ ତାଙ୍କ ବୁଲେଟ (ନଂ.ଓଡି୦୭ ୱାଇ ୦୩୪୧)କୁ କୌଣସି ଦୁର୍ବୃତ୍ତ ଗତ ୨୮ ତାରିଖ ରାତିରେ ଚୋରାଇ ନେଇଛନ୍ତି। ବହୁ ଲୋକଙ୍କୁ ପଚରାଉଚୁରା ପରେ ଗାଡ଼ି ସମ୍ପର୍କରେ କାଳୁ କୌଣସି ସନ୍ଧାନ ପାଇ ପାରିନାହାନ୍ତି। ତେଣୁ ମଙ୍ଗଳବାର ସେ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୭୯/୧୯ ରୁଜୁ କରି ତଦନ୍ତ ଚଳାଇଛି।

## ମହିଳାଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୧।୯(ଡି.ଏନ.ଏ.)

ଜଣେ ଗର୍ଭବତୀଙ୍କୁ ଅସଦାଚରଣ ଓ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କଇଠଖଣ୍ଡି ପଞ୍ଚାୟତ ଚକାତେନ୍ତୁଳି ଗ୍ରାମର ଭଗବାନ ଗୌଡ। ସୋମବାର ସନ୍ଧ୍ୟାରେ ଗାଁ ରାସ୍ତାରେ ଖେଳୁଥିବା ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଘଟଣାକୁ ନେଇ ଭଗବାନ ଗ୍ରାମର ଜଣେ ଗର୍ଭବତୀଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେ ଘର ବାରଣ୍ଡାକୁ ଉଠି ପେଟକୁ ଲାତ ମାରିବା ସହ ଅସଦାଚରଣ କରିଥିଲେ ବୋଲି ମଙ୍ଗଳବାର ମହିଳାଙ୍କ ଇନାରେ ଏତଲା ଦେଇଥିଲେ। ଆଇଆଇସି ବସନ୍ତ କୁମାର ସେଠୀ ଘଟଣାର ତଦନ୍ତ କରି ମାମଲା ନଂ.୧୭୮/୧୯ଦଫା୩୪ ୧/୩୨୩/୨୯୪/୩୫୪(କ)/୩୫ ୪(ଖ)/୫୦୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।

# ରାଜଯୋଗିନୀ ନୀଲମ ଦିଦିଙ୍କ ସ୍ୱର୍ଣ୍ଣିମ ଜୟନ୍ତୀ

ରାଇଘର,୧୧।୯(ଡି.ଏନ୍.ଏ.)–


କାର୍ଯ୍ୟକ୍ରମରେ ରାଜଯୋଗିନୀ ନିଲମ ଦିଦି ଓ ଅନ୍ୟମାନେ ।

ବ୍ରହ୍ମାକୁମାରୀ ପାଠଶାଳା ପକ୍ଷରୁ ରାଇଘରସ୍ଥିତ ତପନ ଟେଷ୍ଟହାଉସ୍‌ରେ ଦୁଇଦିନଧରି ବିଭିନ୍ନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଅବିଭକ୍ତ କୋରାପୁଟ ଜିଲାରୁ ବହୁ ତପସ୍ୱୀ କୁମାର ଗଣଙ୍କ ଦ୍ୱାରା ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ନବରଙ୍ଗପୁର ସବ୍‌ଜୋନର ଆଞ୍ଚଳିକ ନିର୍ଦ୍ଦେଶିକା ରାଜଯୋଗିନୀ ନୀଲମ ଦିଦିଙ୍କ ଅଲୌକିକ ସ୍ୱର୍ଣ୍ଣିମ ଜୟନ୍ତୀ ଏବଂ ରାଇଘର ବ୍ରହ୍ମା କୁମାରୀ ପାଠଶାଳାର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଝରିଗାଁର ସନ୍ଧ୍ୟା ଭଉଣୀଙ୍କ ସଂଯୋଜନାରେ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ପ୍ରୀତି ସ୍ନିଗ୍ଧା ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ବିଡିଓ ଦେବୀ ପ୍ରସାଦ ଝାଲି, କୋରାପୁଟ କେନ୍ଦ୍ରର ସଞ୍ଚାଳିକା ସ୍ୱର୍ଣ୍ଣ ଭଉଣୀ ଜିଲା ଶିଳ୍ପ ପ୍ରତିଷ୍ଠାନର ମୁଖ୍ୟ ପରିଚାଳକର ବାଣେଶ୍ୱର ଭାଇ, ସବ୍‌ଜୋନର ସହ ନିର୍ଦ୍ଦେଶିକା ନମିତା ଭଉଣୀ, ଉମରକୋଟ ଉପକେନ୍ଦ୍ରର ଟିଙ୍କିଲି ଭଉଣୀ ଯୋଗଦେଇ ବଡ ଦିଦିଙ୍କ ଅଲୌକିକ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ରାୟଗଡ଼ାର ଶ୍ରୀମତି ଭଉଣୀ ରାଜଯୋଗର ଅଭ୍ୟାସ କରାଇଥିଲେ । କାର୍ଯ୍ୟକ୍ରମରେ ସୁଦୂର ରାୟଗଡା, ଜୟପୁର, ମାଲକାନଗିରି, ମୁନିଗୁଡ଼ା, ଖରିଆର ରୋଡ, ନୂଆପଡ଼ା, ପାପଡ଼ାହାଣ୍ଡି, ଡାବୁଗାଁ, ଝରିଗାଁ, ଉମରକୋଟରୁ ଶତାଧିକ ଆତ୍ମା ଯୋଗଦେଇଥିଲେ। ମାଉଣ୍ଟଆବୁରେ ସେବାରତ ଭାଇ ଗିରିଧର, ବ୍ରହ୍ମାକୁମାର ଈଶ୍ୱର, ବିଦ୍ୟା, ସୁଜିତ୍, ଗିରିଶ, ଅଭିଜିତ୍, ରଣଜିତ୍, ଅଶ୍ୱିନୀ, ଚିତ୍ତଭାଇ ଅଲେଖ, ହରି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ବ୍ରହ୍ମାକୁମାର ସୂର୍ଯ୍ୟ ଧନ୍ୟବାଦ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରାଇଘରର ସଞ୍ଚାଳିକା ରଜନୀ ଭଉଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସିଲ୍, ତପନ ପଟ୍ଟନାୟକଙ୍କ ସମେତ ରାଇଘର ଅଞ୍ଚଳର ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ ।

■ ପିଲିକା ଗ୍ରାମରୁ ଆରମ୍ଭ

# ‘ଶିକ୍ଷାଦାନ ପଦ୍ଧତିର ନୂତନ କାର୍ଯ୍ୟକ୍ରମ ସମୀପ’

ନବରଙ୍ଗପୁର, ୧୧।୯ (ବି.ପ୍ର.)



ଦିବ୍ୟାଙ୍ଗ ଛାତ୍ରଙ୍କ ସହ ବିଇଓ, ସିଆରସିସି , ଗୋଷ୍ଠୀ ସମ୍ବଳ ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସୁନିଶ୍ଚିତ ଶିକ୍ଷାଦାନ ପ୍ରୟାସରେ ସାମିଲ କରିବା ପାଇଁ ଅର୍ନ୍ତନିବେଶୀ ଶିକ୍ଷା ପକ୍ଷରୁ ମାତ୍ରାଧିକ ଦିବ୍ୟାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଶିକ୍ଷାଦାନ ପ୍ରୟାସକୁ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ‘ସମୀପ’ ନାମରେ ନାମିତ କରାଯାଇଛି। ନବରଙ୍ଗପୁର ବ୍ଲକ୍ ପିଲିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ୫ମ ଶ୍ରେଣୀରେ ଅଧ୍ୟୟନରତ ମସ୍ତିଷ୍କ ପକ୍ଷାଘାତରେ ପୀଡ଼ିତ ଛାତ୍ର ଦେବେନ୍ଦ୍ର ପୁଜାରୀଙ୍କ ଘରେ ବୁଧବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାଦାନ ପଦ୍ଧତିରେ ପରିବାର ସଭ୍ୟ, ଗୋଷ୍ଠୀ ସମ୍ବଳ ଶିକ୍ଷକ, ଶ୍ରେଣୀ ଶିକ୍ଷକଙ୍କ ଭାଗିଦାରିତାରେ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାରେ ଏକ ସୁନ୍ଦର ପ୍ରୟାସ ହେଉଛି ସମୀପ ବୋଲି କହିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଲଳିତ କୁମାର ଦାଶ ଦେବେନ୍ଦ୍ର ଓ ତାଙ୍କ ପରିବାର ଲୋକଙ୍କୁ ଗାଧୋଇବା, ଖାଇବା, ଖେଳିବା, ପାଠ ପଢ଼ିବା, ଭଳି ଦୈନନ୍ଦିନ ଚର୍ଯ୍ୟାର ଚିତ୍ର ଦେଖାଇ ସେଗୁଡ଼ିକୁ ଅଭିନୟ ମାଧ୍ୟମରେ ସଚେତନ କରାଯାଇଥିଲା। ଦେବେନ୍ଦ୍ରଙ୍କ ହାତ ଧରି ଚଲାଇବା ସହ ହୁଇଲ ଚେୟାର ହ୍ୟାଣ୍ଡେଲକୁ ଧରି ଚାଲିବା ପ୍ରଶିକ୍ଷଣ ଦିଆଯାଇଥିଲା। ସମୀପ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆବଶ୍ୟକ ସ୍ଥଳେ ମାତ୍ରାଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ସମସ୍ତ ୩୮ ବିଦ୍ୟାଳୟର ଅର୍ନ୍ତନିବେଶି ଶିକ୍ଷା ଗ୍ରହଣ ପାଠ୍ୟକ୍ରମ ଦ୍ୱାରା ଶିକ୍ଷକ ମାନଙ୍କୁ ସାମିଲ କରାଯିବା ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଇଓ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ମେର୍ଲିଣିମାଲି ସୁନା, ସହକାରୀ ଶିକ୍ଷୟିତ୍ରୀ କସ୍ତୁରୀବାଳା, ସିଆରସିସି ନିରଞ୍ଜନ ବିଷୋୟୀ, ଅର୍ନ୍ତବିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଅମରେନ୍ଦ୍ର କୁମାର ବେହୁରୁ, ସବିର କୁମାର ପାତ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ବିଶ୍ୱ ବଜାରରେ ପହଞ୍ଚିବ କୋରାପୁଟ କଫି

କୋରାପୁଟ,୧୧।୯(ସ୍ୱ.ପ୍ର.)

ଓଡ଼ିଶାରେ ପ୍ରଥମଥର ପାଇଁ ବୁଧବାର କୋରାପୁଟ କଫି ବ୍ରାଣ୍ଡର ଶୁଭାରମ୍ଭ ହୋଇଛି। କୋରାପୁଟ ସହରର ଚନ୍ଦନ ପୋଖରୀ ନିକଟରେ ଥିବା ଆଦିବାସୀ ଉନ୍ନୟନ ନିଗମ କେନ୍ଦ୍ରଠାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କଫି ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଅପରାହ୍ଣରେ ଆଦିବାସୀ ଉନ୍ନୟନ କେନ୍ଦ୍ରରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା କୋରାପୁଟର କଫି ବିଶ୍ୱବଜାରରେ ପହଞ୍ଚିପାରିବ ଓ ଜିଲାର ଚାଷୀ କଫିର ଉପଯୁକ୍ତ ଦର ପାଇପାରିବେ ଏବଂ ସେମାନଙ୍କ ଆର୍ଥିକ ପ୍ରଗତି ଘଟିବ ବୋଲି ପଡାଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କର୍ସାନି, ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଏଫଓ ରିଙ୍କି କୁମାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲାରେ କଫି ପାଇଁ ଉତ୍କୃଷ୍ଟ ଜଳବାୟୁ ରହିଛି। ବର୍ତ୍ତମାନ ଜିଲାର ୩୨୦୦ ଜଣ ଚାଷୀଙ୍କ ଦ୍ୱାରା ପ୍ରାୟ ୩୦୦୦ ହେକ୍ଟର ଜମିରେ କଫି ଚାଷ କରାଯାଉଛି। ବାର୍ଷିକ ଏହି ଚାଷରୁ ପ୍ରାୟ ୫୫୦ ମେଟ୍ରିକ ଟନ କଫି ଅମଳ ହୋଇଥାଏ । କୋରାପୁଟ ଜିଲାର ୧.୪୫ ଲକ୍ଷ ହେକ୍ଟର ଜମିରେ କଫିଚାଷ ପାଇଁ ସୁବିଧା ଥିବାରୁ ଆଗାମୀ ଦିନରେ ଏସବୁ ଅଞ୍ଚଳରେ ଏହି ଚାଷ କରାଯିବା ଲକ୍ଷ୍ୟ ରଖାଯାଇଥିବା ଜିଲା କଫି ଉପନିର୍ଦ୍ଦେଶକ ଭବାନିଶଙ୍କର କାଲୋ କହିଛନ୍ତି। କୋରାପୁଟ ଜିଲାରେ କଫିଚାଷ ସହ ଉନ୍ନତମାନର ଗୋଲମରିଚ ଚାଷ ମଧ୍ୟ ହେଉଥିବାରୁ ଏହାକୁ ମଧ୍ୟ ପ୍ୟାକେଜିଂ ମାଧ୍ୟମରେ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ସହ ଅଞ୍ଚଳର କଫିଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ଜିଲାପାଳ କହିଥିଲେ। କଫି ପ୍ରକ୍ରିୟାକରଣ କେନ୍ଦ୍ର କୋରାପୁଟ କଫି ଉନ୍ନୟନ ପରିଷଦ, କଫି ବୋର୍ଡ ଓ ଟିଡିସିସି ମିଳିତ ସହଯୋଗରେ ପରିଚାଳିତ ହେବ। କାର୍ଯ୍ୟକ୍ରମକୁ କୋରାପୁଟ ଜଳ ବିଭାଜିକା ମିଶନର ନିର୍ଦ୍ଦେଶକ ତଥା କଫି ଉପନିର୍ଦ୍ଦେଶକ ଭବାନି ଶଙ୍କର କାଲୋ ପରିଚାଳନା କରିଥିବାବେଳେ ସହକାରୀ କଫି ଉପନିର୍ଦ୍ଦେଶକ ଡ. ଦୟାନିଧି ବାଗ, କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ, କଫିବୋର୍ଡର ବରିଷ୍ଠ ଲୋକ ସଂପର୍କ ଅଧିକାରୀ ଆଶିଷ ରାଉତ ସହଯୋଗ କରିଥିଲେ।

**ଉଦ୍‌ଘାଟିତ ହେଲା କଫି ପ୍ରକ୍ରିୟାକରଣ କେନ୍ଦ୍ର**



କୋରାପୁଟ ବିଧାୟକ ରଘୁରାମ ପଡାଲ କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### କ୍ଷତାକ୍ତ ଅବସ୍ଥାରେ ମାଙ୍କଡ଼ ଉଦ୍ଧାର

ଜୟପୁର,୧୧।୯(ନି.ପ୍ର./ଡି.ଏନ୍.ଏ.): ଜୟପୁର ବ୍ଲକ ଅନ୍ତର୍ଗତ ବଡ଼ଜିଉନା ଗ୍ରାମରୁ ଏକ କ୍ଷତାକ୍ତ ମାଙ୍କଡ଼ ଉଦ୍ଧାର କରାଯାଇଛି। ଉକ୍ତ ମାଙ୍କଡ଼ଟିକୁ ଜୟପୁର ବନ୍ୟପ୍ରାଣୀ ଉଦ୍ଧାର ଟିମ୍‌ର ପ୍ରତିଷ୍ଠାତା କୃଷ୍ଣ କେଶବ ଷଡ଼ଙ୍ଗୀ ଓ ତାଙ୍କ ସହଯୋଗୀ ରବୀନ୍ଦ୍ର ରାଉତ, ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟଙ୍କ ଉପସ୍ଥିତିରେ ଉଦ୍ଧାର କରାଯାଇଛି। ଆହତ ମାଙ୍କଡ଼କୁ ପ୍ରାଣୀ ଚିକିତ୍ସାଳୟରେ ରଖାଯାଇଛି। ସୁସ୍ଥ ହେବା ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛଡ଼ାଯିବ।

### ଟ୍ରକ୍ ଲୁଟ୍ ମାମଲାରେ ଜଣେ ଗିରଫ

ଜୟପୁର,୧୧।୯(ଡି.ଏନ୍.ଏ./ନି.ପ୍ର.): ୨୦୧୭ରେ ହୋଇଥିବା ଏକ ଟ୍ରକ୍ ଲୁଟ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦରଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟପୁର ସହରର ଗୁଜୁରାଟି କଲୋନୀର ରାଜ କୁମାର ବିଶ୍ୱାସ ଏଲିଆସ ସଞ୍ଜୟ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୦୧୭ ନଭେମ୍ବର ୨୮ରେ ଉମୁରୀ-ରଣପାଲୀ ମଧ୍ୟରେ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଟ୍ରକ୍‌ର ଡ୍ରାଇଭର ଏବଂ ହେଲପରଙ୍କୁ ୧୦ ଜଣ ଦୁର୍ବୃତ୍ତ ମାଡ଼ ମାରିବା ସହ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏଥିରେ ପୂର୍ବରୁ ୮ଜଣ ଗିରଫ ହୋଇଥିବବା ଥାନା ଅଧିକାରୀ ଶିବଶଙ୍କର ସାହୁ କହିଛନ୍ତି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୧୧।୯(ଡି.ଏନ୍.ଏ.): ଜୟପୁର ସଦରଥାନା ଟାଙ୍କୁଆ ପଞ୍ଚାୟତ ପଦ୍ମପୁର ଗ୍ରାମର ଜଣେ ଯୁବକ ବିଷପିଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଲୋକନାଥ ହରିଜନ (୨୦)। ପୂର୍ବାହ୍ନରେ ସେ ବିଷ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ସୂଚନା ପାଇବା ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହ ଏହାର ବ୍ୟବଚ୍ଛେଦ କରାଇଥିଲା। ଏନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ଘଟଣା ବୋଲି ଏଏସ୍‌ଆଇ ସପନ ସରକାର କହିଛନ୍ତି।

### ପାଚିକା-ସହାୟିକା ନିଯୁକ୍ତିରେ ଅନିୟମିତତା

ବଡ଼ସାହି,୧୧।୯(ସ୍ୱ.ପ୍ର): ବଡ଼ସାହି ବ୍ଲକର ଖାନୁଆ ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟରେ ପାଚିକା-ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିଯୁକ୍ତି ପାଇଥିବା ମହିଳା ଜଣଙ୍କ ମିଥ୍ୟା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିନେଇ ଗ୍ରାମବାସୀ ବଡ଼ସାହି ବିଇଓ ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ନିଯୁକ୍ତି ପାଇଥିବା ମହିଳା ଜଣକ ସ୍ୱଚ୍ଛଳ ବର୍ଗର ହୋଇଥିବା ଓ ତାଙ୍କ ନାମରେ ଗୋଟିଏ ୪ଚକିଆ, ଗୋଟିଏ ୩ ଚକିଆ ଓ ଗୋଟିଏ ୬ ଚକିଆ ଗାଡି ରହିଛି। ଯାହାର ସମସ୍ତ ପ୍ରମାଣପତ୍ର ସହିତ ଗ୍ରାମବାସୀ ମନୋରଞ୍ଜନ ନାଏକ, ଡ଼ାକେ ସିଂ, ବାଲେ ସିଂ, ଜାତି ସିଂ, ଭଗବାନ ବେହେରା, ହେମେନ୍ଦ୍ର ଗିରି ଓ ଆଶିଷ ସାହୁ ଅଭିଯୋଗ କରିଛନ୍ତି।

# ସଭ୍ୟ ସଂଗ୍ରହ ପାଇଁ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ

## ବିଧାନସଭା ଆସନ ପିଛା ୭୦ ହଜାର ସଭ୍ୟ ସଂଗ୍ରହ ପାଇଁ ଟାର୍ଗେଟ୍ ରଖିଛି ବିଜେଡି




ସଭ୍ୟ ସଂଗ୍ରହ ତାଲିମ ଶିବିରରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

କୋରାପୁଟ,୧୧।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ସଭ୍ୟ ସଂଗ୍ରହ ପାଇଁ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଛି ବିଜେଡି। ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲା ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥି ବେହେରା ଯୋଗଦେଇ କହିଛନ୍ତି, ଦଳକୁ ମଜଭୁତ କରିବା ପାଇଁ ଜିଲାର ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୦ ହଜାର ଲେଖାଏ ସଭ୍ୟ କରିବା ଟାର୍ଗେଟ୍ ରଖାଯାଇଛି। ଏହାକୁ ସାକାର କରିବା ପାଇଁ ବିଜେଡି ୱାର୍ଡ କମିଟି ଗଠନ କରି ସଭ୍ୟ ସଂଗ୍ରହ କରିବ। ପ୍ରତି ୱାର୍ଡରେ ୪ ଜଣିଆ କାର୍ଯ୍ୟକାରୀ କମିଟି ପାଇଁ ୩ ଜଣ ପୁରୁଷ ଓ ଜଣେ ମହିଳା ରହିବେ। ସେମାନେ ପ୍ରତି ୱାର୍ଡରେ ୨୪ ଜଣ ଲେଖାଏଁ ସଭ୍ୟ ସଂଗ୍ରହ କରିବେ। ସେହିପରି ପୌରାଞ୍ଚଳରେ ୱାର୍ଡ କମିଟିରେ ୧୦ ଜଣ ପୁରୁଷ ସଭ୍ୟ ଓ ୫ ଜଣ ମହିଳା ସଭ୍ୟା ରହିବେ। ଶିବିରରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିସାର୍ନୀ, ବରିଷ୍ଠ ନେତା ରଘୁରାମ ମାଛ, ବିଜେଡି ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ରିତା ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଗାଁ ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଉଦଳା,୧୧।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ସହରତଳି ଅଞ୍ଚଳରେ ଥିବା ଟଣକାସାହି ଗାଁ ରାସ୍ତା ଉପରେ ପଡ଼ିଥିବା ଜଣେ ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର କରିଛି। ଏଥିନେଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୧୯) ରୁଜୁ କରି ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଛି । ମୃତକ ଜଣକ ହେଲେ ରତ୍ନାକର ପାତ୍ର(୨୬)। ପୋଲିସ ସୂଚନା ଅନୁଯାୟୀ, ଟଣକାସାହି ଗ୍ରାମର ରତ୍ନାକର କଲିଆଛକ ନିକଟରେ ଥିବା ଏକ କୋଚିଂ ସେଣ୍ଟରରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ କୋଚିଂ ସେଣ୍ଟରକୁ ରୋଷେଇ କରିବାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ତାଙ୍କ ମାଆ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ପତ୍ତା ପାଇ ନ ଥିଲେ ।

**ଛାତ୍ରଙ୍କୁ ଶ୍ରେଣୀଗୃହରେ ତାଲାଦେବା ମାମଲା**

## ସ୍କୁଲ ସିସିଟିଭିରୁ ଖୋଳତାଡ଼ ଆରମ୍ଭ

ଜୟପୁର,୧୧।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର ସୂର୍ଯ୍ୟମହଲ ସ୍ଥିତ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗତ ସୋମବାର ଜଣେ ଶିକ୍ଷୟିତ୍ରୀ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀକକ୍ଷ ଭିତରେ ଛାଡ଼ି କବାଟ ବନ୍ଦ କରି ପକାଇଥିଲେ। ଏହାପରେ ସେଥିରେ ତାଲା ପଡ଼ିଯାଇଥିଲା। ଏହି ଘଟଣାରେ ଛାତ୍ରଙ୍କ ଅଭିଭାବକ ମଙ୍ଗଳବାର ଥାନାରେ ଏତଲା ଦେଇଥିଲେ। ମାମଲା ରୁଜୁ ହୋଇ ନଥିଲେ ମଧ୍ୟ ଏହାର ସତ୍ୟାସତ୍ୟ ନେଇ ବୁଧବାର ତଦନ୍ତ ଆରମ୍ଭ କରିଛି ପୋଲିସ। ବିଦ୍ୟାଳୟର ସିସିଟିଭି ଦୃଶ୍ୟରୁ ଖୋଳତାଡ଼ ଚାଲିଛି। ଘଟଣାର ତଦନ୍ତ ପାଇଁ ଦୁଇଜଣ ମହିଳା ଏସ୍‌ଆଇଙ୍କୁ ନିୟୋଜିତ କରାଯାଇଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## ମହିଳା ମହାବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅଭିଭାବକ ଓ ଛାତ୍ରୀମାନେ।

ଜୟପୁର,୧୧।୯(ନି.ପ୍ର.)

ଜୟପୁର ସ୍ଥିତ ସରକାରୀ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର କଳା ଓ ବିଜ୍ଞାନ ଶ୍ରେଣୀର ଅଭିଭାବକ ଓ ଅଧ୍ୟାପକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରୋକ୍ଟୋରିଆଲ ଗ୍ରୁପ୍‌ର ମୁଖ୍ୟ କନକଲତା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ଯୁକ୍ତ ଦୁଇର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପକ ଆନ୍ଦ୍ରୀୟ ଶବର, ଅଧ୍ୟାପିକା ଭକ୍ତଲତା ରାଉତ, ସୀମା ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ପିଲାଙ୍କୁ ନିୟମିତ ମହାବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକମାନେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଅଧ୍ୟାପିକା ସୁନିତା କୁମାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସେହିପରି ମଙ୍ଗଳବାର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶାଖା ତରଫରୁ କ୍ୟାମ୍ପ କ୍ଲିନ୍ ଅଭିଯାନ ହୋଇଥିଲା। ଗ୍ରୀନ କମ୍ପାଉଣ୍ଡ ଆଣ୍ଡ କ୍ଲିନ କ୍ୟାମ୍ପସ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ଅଭିଯାନ କଲେଜ ମଧ୍ୟରେ ଥିବା ଫୁଲ ବଗିଚା ସଫେଇରୁ କରାଯାଇଛି। ୨୪ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ଏକ ସୁନ୍ଦର ଫୁଲ ବଗିଚା ପ୍ରସ୍ତୁତ କରିବାକୁ ସ୍ଥିର କରାଯାଇଥିଲା ।

# ନିମ୍ନମାନର ଛତୁଆ ପାଇଁ ଉଦ୍‌ବେଗ

## ଗୋଚାଲାଣ ରୋକିବା ଓ ସେଣ୍ଟ୍ରାଲ କିଚେନ ବନ୍ଦ ପାଇଁ ନିଷ୍ପତ୍ତି

ଜୟପୁର,୧୧।୯(ନି.ପ୍ର./ଡି.ଏନ୍.ଏ.)

**ଜୟପୁର ପଞ୍ଚାୟତ ସମିତି ବୈଠକ**



ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଅନ୍ୟମାନେ।

ଜୟପୁର ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ବାହିନୀପତି ଜୟପୁର ବ୍ଲକରେ ବହୁ ରାସ୍ତା ନିମ୍ନମାନ ରହିଥିବା ବେଳେ କେତେ ରାସ୍ତାକୁ ଆରଡି ବିଭାଗ ଅଧୀନକୁ ନେବା ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଶହ ଶହ ଘର ବ୍ଲକରେ ଭାଙ୍ଗିଛି । ରାଜସ୍ୱ ବିଭାଗ ଅଞ୍ଚଳ ଗସ୍ତ କରୁନାହାନ୍ତି କି ଆସିଥିବା ପଲିଥିନ ମଧ୍ୟ ବାଣ୍ଟୁ ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭାଗ ଅଞ୍ଚଳ ଗସ୍ତକରି କ୍ଷତିପୂରଣ ଦେବା ବ୍ୟବସ୍ଥା କରି ଆବାସ ଯୋଗାଉନାହାନ୍ତି। କୌଣସି ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ଠିକ୍ ଭାବେ ହୋଇନାହିଁ। ଛତୁଆ ନିମ୍ନମାନର ହେଉଥିବାରୁ ଗୃହରେ ଛତୁଆ କେନ୍ଦ୍ରରେ ପ୍ରକ୍ରିୟାକରଣ ସମୟରେ ସରପଞ୍ଚ, ସମିତି ସଭ୍ୟ, ଓାର୍ଡ ମେମ୍ବର ରହିବା ପାଇଁ ସ୍ଥିର କରାଯାଇଥିଲା । ସେହି ଆଲୋଚନା ଅନୁଯାୟୀ ଚିଠି କରିଥିଲେ ସିଡିପିଓ। କିନ୍ତୁ ସୁପରଭାଇଜର ତାହାକୁ କାର୍ଯ୍ୟକାରୀ କରି ନଥିଲେ। ସେମାନଙ୍କୁ ନୋଟିସ କରିବା ପାଇଁ ବିଧାୟକ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୩ରେ ଛତୁଆ ପ୍ରସ୍ତୁତ ସମୟରେ ବ୍ଲକର ଏକମ୍ବା, ପାଞ୍ଜିଆଗୁଡା ଏବଂ ସିନ୍ଧିଗାଁ ସ୍ଥିତ ନିର୍ମାଣ କେନ୍ଦ୍ରରେ ଉପଜିଲାପାଳ, ବିଡିଓଙ୍କ ଉପସ୍ଥିତିରେ ପ୍ରସ୍ତୁତ କରାଯିବ ବୋଲି ସିଡିପିଓ କହିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ୩ରୁ ୪ଟି ବଡ଼ ବଡ଼ ପୋଖରୀ କରି ମାଛଚାଷ କରିବା, ପଞ୍ଚାୟତରେ ପାର୍କ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ଲକରେ ରହିଥିବା ବିଭିନ୍ନ ଆଡ଼ିବନ୍ଧ ତଦାରଖ, ଆବଶ୍ୟକ ଡ୍ୟାମ୍ ନିର୍ମାଣ ଓ ଜଳସେଚନ ବ୍ୟବସ୍ଥା ପାଇଁ ଜଣେ ଜିଲା ପରିଷଦ ସଭ୍ୟଙ୍କ ଅଧ୍ୟକ୍ଷତାରେ ତଦନ୍ତକାରୀ ଦଳ ଗଠନ କରିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ। ବ୍ଲକ ଅଧୀନରେ ଥିବା କଙ୍ଗା ପଞ୍ଚାୟତରେ ଛତୁଆ ବଣ୍ଟନ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ହାଟରୁ ଗାଈ କିଣି ଆନ୍ଧ୍ର ଚାଲାଣ କରାଯାଉଛି। ଏହାକୁ ରୋକିବା ପ୍ରାଣୀଧନ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ତାହା ହୋଇପାରୁ ନାହିଁ। ତେଣୁ ଗୋଚାଲାଣ ବନ୍ଦ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସ୍କୁଲରେ ମଧ୍ୟାହ୍ନଭୋଜନ ପାଇଁ ସେଣ୍ଟ୍ରାଲ କିଚେନ କରାଯାଉଛି। ଏଠାରୁ ଆସୁଥିବା ଭୋଜନ ଛାତ୍ରୀଛାତ୍ରମାନେ ଖାଇପାରୁ ନାହାନ୍ତି। ଏହାକୁ ବନ୍ଦ କରାଯାଇ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଉ ବୋଲି ବିଧାୟକ ଦେଇଥିବା ମତକୁ ସମସ୍ତ ସମିତି ସଭ୍ୟ, ସରପଞ୍ଚ ସହମତି ଜଣାଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ବିଡିଓ ସୁରଜ ପଟ୍ଟନାୟକ, ଜିପିଓ କୈଳାସ ଚନ୍ଦ୍ର ରଥ, ଜିଲା ପରିଷଦ ସଭ୍ୟ ମନଧର ଗାଦବା, ବଲ୍ଲଭ ନାୟକ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ ଉପସ୍ଥିତ ଥିଲେ ।

## ଶିଶୁ କନ୍ୟା ଉଦ୍ଧାର

ବେତନଟୀ,୧୧।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ସାପ୍ତାହିକ ହାଟ ପରିସରରେ ଏକ ଜଳଖିଆ ଦୋକାନରୁ ବୁଧବାର ୫ ବର୍ଷର କନ୍ୟା ସନ୍ତାନକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବେତନଟୀ ଥାନାକୁ ହସ୍ତାନ୍ତର କରିଛନ୍ତି। ଶିଶୁ କନ୍ୟା ନିକଟରେ ଏକ ବ୍ୟାଗରେ ଥିବା ଆଧାର ସୂଚନାରୁ ଶିଶୁ କନ୍ୟାଟିର ଘର କଟକ ଜିଲା ଜଗତପୁର ଅଞ୍ଚଳରେ ଓ ସେ ବୈଶିଙ୍ଗା ଥାନା ଅଧୀନରେ ରହୁଥିବା ଜଣାପଡିଛି। ବେତନଟୀ ଥାନା ପୋଲିସ ପକ୍ଷରୁ ଶିଶୁକନ୍ୟାଙ୍କୁ ବାରିପଦା ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

**ଜିଲା ମିନେରାଲ ଫଣ୍ଡ ସମୀକ୍ଷା ବୈଠକ**

# ଲକ୍ଷ୍ୟଧାର୍ଯ୍ୟ ପ୍ରକଳ୍ପ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

କୋରାପୁଟ,୧୧।୯(ସ୍ୱ.ପ୍ର.)

କୋରାପୁଟ ସ୍ଥିତ ଡିଆରଡିଏ ସଦ୍‌ଭାବନା ସଭା ଗୃହରେ ବୁଧବାର ସନ୍ଧ୍ୟାରେ ଜିଲା ମିନେରାଲ ଫଣ୍ଡ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଲକ୍ଷ୍ୟଧାର୍ଯ୍ୟ ପ୍ରକଳ୍ପକୁ ତୁରନ୍ତ ଶେଷ କରିବା ଏବଂ ଶେଷ ହୋଇଥିବା ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ମଧୁସୂଦନ ମିଶ୍ର। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମିନେରାଲ ଫଣ୍ଡର ଅଧିକାରୀ ହିମାଂଶୁ ଶତପଥୀ, ଏପିଡି ମହେଶ୍ୱର ନାୟକ, କୋରାପୁଟ ଡିଏଫଓ ରିଙ୍କି କୁମାରୀ, ଆଇଟିଡିଏ ପିଏ କାରୁ ସୋରେନ, ସିଡିଏମଓ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଆରଡି, ପିଡବ୍ଲୁଡି ଭଳି ୨୬ଟି ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏଥିରେ ସମୀକ୍ଷା କରାଯାଇଥିଲା। ୨୦୧୫-୧୬ରୁ ଆରମ୍ଭ କରି ଏଯାବତ୍ ୧୨ ହଜାର ୭୯୦ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିବାବେଳେ ସେଥିରୁ ୬ ହଜାର ୭୯୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହି ଅନୁଦାନରେ ୮୪୯ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏଯାବତ୍ ସେଥିରୁ ୫୨୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଶେଷ ହୋଇଥିବା ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ତୁରନ୍ତ ଦେବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନୁମୋଦିତ ହୋଇଥିବା ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ପୃକ୍ତ ବିଭାଗକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମିନେରାଲ ଫଣ୍ଡରେ ଜଳସେଚନ, ରାସ୍ତା ନିର୍ମାଣ, ବିଭିନ୍ନ ଆଦିବାସୀ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୧୩ଟି ପ୍ରକଳ୍ପ ପାଇଁ ୩୭ କୋଟି ୪୬ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିବା ବୈଠକରୁ ଜଣାପଡ଼ିଛି।

# ପୁଞ୍ଜିପତିଙ୍କ ହାତରେ ପୌରସଂସ୍ଥା ଷ୍ଟଲ୍

ଜୟପୁର, ୧୧।୯ (ନି.ପ୍ର./ଡି.ଏନ୍.ଏ.)

**କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର**

**ଦାବିପତ୍ର ଦେଲା କୋରାପୁଟ ଯୁବ ସଙ୍ଗଠନ**



ଜୟପୁର ପୌର ପରିଷଦର ଷ୍ଟଲ ପୁଞ୍ଜିପତିଙ୍କ ହାତରେ ଥିବା ଅଭିଯୋଗ କରିଛି ଯୁବ ସଙ୍ଗଠନ। ଏନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଦାବିପତ୍ର ଦିଆଯାଇଛି। ପୌର ପରିଷଦ ଅଧୀନରେ ୮ଶହ ଦୋକାନ ଘର ରହିଛି । କିନ୍ତୁ ଏହାର ଆବଣ୍ଟନରେ ଦୁର୍ନୀତି ହୋଇଥିବା ବେଳେ ଅଧିକାଂଶ ଦୋକାନଘର ରାଜନୈତିକ ଦଳର କର୍ମୀ ଓ ପୁଞ୍ଜିପତିଙ୍କୁ ମିଳିଛି। ଜୟପୁର ସହରରେ ଦିନକୁ ଦିନ ବେକାରୀ ସମସ୍ୟା ବଢୁଥିବା ବେଳେ ଏହି ଦୋକାନ ଗୃହ ଯେଉଁ ସାଧାରଣ ଲୋକ ପାଇବା କଥା, ସେମାନେ ପାଇନାହାନ୍ତି । କେତେକ ମୁଷ୍ଟିମେୟ ପୁଞ୍ଜିମତି ଚଞ୍ଚକତା କରି ଏକାଧିକ ଷ୍ଟଲ ହାତେଇବା ସହ ସେହି ଦୋକାନଘରକୁ ଭଡ଼ାରେ ଲଗାଇଛନ୍ତି। ଷ୍ଟଲ ପାଇଁ ପୌରପରିଷଦ ପାଖରେ ମାସିକ ୪ରୁ ୮ ଶହ ଟଙ୍କା ଜମା କରିବାକୁ ପଡୁଥିବା ବେଳେ ପୁଞ୍ଜିପତିମାନେ ଭଡ଼ାରେ ଗୋଟିଏ ଷ୍ଟଲରୁ ମାସିକ ୧୨ରୁ ୧୫ ହଜାର ଟଙ୍କା ଆଦାୟ କରୁଛନ୍ତି । କେତେକ ବ୍ୟକ୍ତିଙ୍କ ନାମରେ ୩ରୁ ୪ଟି ଷ୍ଟଲ ରହିଛି। ପୌରପରିଷଦ ଜାଣିଶୁଣି ଚୁପ୍ ରହିଥିବା ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି କୋରାପୁଟ ଯୁବ ସଂଗଠନର ଆବାହକ ରବୀନ୍ଦ୍ର ମହାପାତ୍ର । ପୌରପାଳିକା ନିୟମ କଡ଼ାକଡ଼ି କଲେ ପ୍ରାୟ ୪୦୦ ଦୋକାନ ଗୃହ ଖାଲି ହୋଇପାରିବ। ଯେଉଁମାନେ ଦୋକାନ ଗୃହ ପାଇଛନ୍ତି, ସେମାନେ ନିଜର ଦୋକାନ ଖୋଲି ନ ପାରିଲେ ସେମାନଙ୍କ ଚୁକ୍ତି ବାତିଲ କରିବା ଏବଂ ଏକାଧିକ ଦୋକାନଗୃହ ପାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ସଂକ୍ଷେପରେ

### ସ୍ୱଚ୍ଛତା ନେଇ ଲୋକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର

ପାଣ୍ଡ୍ରିପାଣି/ମାଥିଲି,୧୧।୯( ଡି.ଏନ.ଏ) -ମାଲକାନଗିରି ଜିଲା ମାଥିଲି ବ୍ଲକ ପାଙ୍ଗାମ ପଞ୍ଚାୟତର ହାତୀରାମ ଉଚ୍ଚ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟ, ଆଶ୍ରମବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟ ପରିସର ସହ ପଞ୍ଚାୟତର ମୁଖ୍ୟରାସ୍ତାର ଉଭୟପାର୍ଶ୍ୱ ଓ ଯାତ୍ରୀ ପ୍ରତୀକ୍ଷାଳୟ ସଫା କରିଥିଲେ। ବିଭିନ୍ନ ପ୍ରକାର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। ଲୋକଙ୍କୁ ମଶାରି ଟାଙ୍ଗି ଶୋଇବା ଏବଂ ନିଜ ଘର ଚାରି ପାଖ ପରିଷ୍କାର ରଖିବା ଲାଗି ବୁଝାଇଥିଲେ।

ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ଡିଏନକେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମଧ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲୋକେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ପାଙ୍ଗମ ସଦରର ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ସଫେଇ କରିଥିଲେ। ସ୍ୱଚ୍ଛତା ଉପରେ ସଚେତନ କରି ଅଳିଆ ଆବର୍ଜନା ସହର ମଧରେ ନ ଫିଙ୍ଗିବାକୁ ପରାମର୍ଶ ଦେଇଥିଲେ।

### ସାପ କାମୁଡାରେ ମହିଳା ମୃତ

ପାଣ୍ଡ୍ରିପାଣି,୧୧।୯( ଡି.ଏନ.ଏ) ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତର ଶିରାଗୁଡା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସନିଆ ଭୁମିଆଙ୍କ ସ୍ତ୍ରୀ ମୁନି ଭୁମିଆ। ମଙ୍ଗଳବାର ରାତି ୯ଟାରେ ତାଙ୍କୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତୁରନ୍ତ ମୁନିଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ବୁଧବାର ତାଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର

ମାଥିଲି, ୧୧।୯- ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡାଠାରେ ବୁଧବାର ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି । ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତର ୭୨ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ କାର୍ଡ ବଣ୍ଟନ କରାଯାଇଥିଲା । ପିଇଓ ଅଶୋକ ମହାରଣା, ସରପଞ୍ଚ ହସମତୀ ଦାସା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ୱାର୍ଡର ମେମ୍ବର ମଧ ଉପସ୍ଥିତ ଥିଲେ ।

### ମଦ ଜବତ: ୬ ଗିରଫ

ଆସିକା,୧୧।୯(ଡି.ଏନ୍.ଏ.)- ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ପକ୍ଷରୁ ବୁଧବାର ଆସିକା ଥାନା କାଷଣ୍ଡପୁର, ପାକଲାପଲ୍ଲୀ ଓ କରାଡଲିସ୍ଥିତ ଏରୋଗୋଲା ବସା ଉପରେ ଚଢାଉ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ୮୦ଲିଟର ରନ୍ଧାମଦ, ୬୦ ଲିଟର ମହୁଲି ମଦ ଜବତ କରାଯାଇଥିବାବେଳେ ପ୍ରାୟ ୪୦୦ ଲିଟର ପୋଚ ନଷ୍ଟ କରାଯାଇଛି।

## ■ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ୨ଦିନିଆ ମାଲକାନଗିରି ଗସ୍ତ

# ଜଙ୍ଗଲ ସୁରକ୍ଷା, ଚାରା ରୋପଣ ଉପରେ ଗୁରୁତ୍ୱ

ମାଲକାନଗିରି,୧୧।୯ (ଡି.ଏନ୍.ଏ.)

ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ସନ୍ଦୀପ ତ୍ରିପାଠୀ ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ଜିଲାର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଜଙ୍ଗଲ ଏବଂ ଚାରାରୋପଣ ପରିଦର୍ଶନ କରିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତ୍ରିପାଠୀ ମଙ୍ଗଳବାର କୋରାପୁଟ ଏବଂ ଜୟପୁର ବନଖଣ୍ଡ ଗସ୍ତ କରି ଅପରାହ୍ଣରେ ମାଲକାନଗିରି ଜିଲାକୁ ଆସିଥିଲେ। ସେ ଗୋବିନ୍ଦପାଲି ଓ ବାଲିମେଳା ବନାଞ୍ଚଳର ବିଭିନ୍ନ ପ୍ରାକୃତିକ ଜଙ୍ଗଲ ଏବଂ ଚାରାରୋପଣ ସହ କେନ୍ଦ୍ରୀୟ ନର୍ସରୀ ପରିଦର୍ଶନ କରିଥିଲେ। ବୁଧବାର ସକାଳେ ସେ ମାଲକାନଗିରି ସଦର ମହକୁମା ମୁଖ୍ୟ ଡାକ୍ତରଖାନା ପଛପଟେ ଥିବା ୨ ଏକର ଜାଗାରେ ବନ ବିଭାଗ ପକ୍ଷରୁ ହୋଇଥିବା ମାଲ୍ୟବନ୍ତ ଶାନ୍ତିବନକୁ ଉଦ୍‌ଘାଟନ କରି ଚାରାରୋପଣ କରିଥିଲେ। ଶାନ୍ତିବନ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇ ଏହାର ସୁରକ୍ଷା ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାରୁ ତ୍ରିପାଠୀ



ପିସିସିଏଫ ମାଲ୍ୟବନ୍ତ ଶାନ୍ତିବନକୁ ଉଦଘାଟନ କରୁଛନ୍ତି ।

କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ପ୍ରାକୃତିକ ଜଙ୍ଗଲ ସୁରକ୍ଷା ଏବଂ ଚାରାରୋପଣ ଉପରେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ଚାରାରୋପଣ କରି ତାହାକୁ ବଞ୍ଚାଇ ରଖି ପାରିଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ଫଳପ୍ରଦ ହେବ। କର୍ମଚାରୀମାନେ ଲୋକଙ୍କ ସହ ସୁସମ୍ପର୍କ ରଖି ସେମାନଙ୍କୁ ଚାରାରୋପଣର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ମୁଖ୍ୟ

■ମାଲ୍ୟବନ୍ତ ଶାନ୍ତିବନକୁ ଉଦ୍‌ଘାଟନ କଲେ

■ଲୋକଙ୍କ ସହ ସୁସମ୍ପର୍କ ରଖିବାକୁ ପରାମର୍ଶ

■ ପଥପ୍ରାନ୍ତ ଚାରାରୋପଣ ଦେଖି ଖୁସି ବ୍ୟକ୍ତ କଲେ

ବନ ସଂରକ୍ଷକ ସୁଦୀପ୍ତ ଦାସ, ଡିଏଫ୍‌ଓ ପ୍ରଦୀପ ଦେବିଦାସ ମିରାସେ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିଲ କୁମାର ମିଶ୍ର, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ଜଗଦିଶ ପଟ୍ଟନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ତ୍ରିପାଠୀ ଜିଲାରେ ବିଭିନ୍ନ ବନାଞ୍ଚଳ ଗସ୍ତ କରି ବନ ବିଭାଗ ଦ୍ୱାରା ହୋଇଥିବା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ସତୀଗୁଡା, ଜଦୁଗୁଡା, ଚିତ୍ରକୋଣ୍ଡା ଅଞ୍ଚଳ ଗସ୍ତ କରି ସେସବୁ ସ୍ଥାନରେ ହୋଇଥିବା ପଥପ୍ରାନ୍ତ ଚାରାରୋପଣ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଅପରାହ୍ଣରେ ସେ ନବରଙ୍ଗପୁର ଗସ୍ତ କରିଥିଲେ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

■ଝିଅର ମସ୍ତିଷ୍କ ଠିକ୍ ରୂପେ ବିକାଶ ହୋଇନି

■ବୁର୍ଲା ମେଡିକାଲରୁ ମିଳିଲାନି ସୁଫଳ

■କଟକ ନେବାକୁ ପାଖରେ ଅର୍ଥ ନାହିଁ



ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନଥିବା ବିୟୁଟି ।

କୋରୁକୋଣ୍ଡା ୧୧।୯(ଡ଼ି.ଏନ.ଏ)

ହସଖୁସି, ଖେଳକୁଦ ବୟସରେ ବିଛଣାରେ ପଡିରହି ସମୟ କଟୁଛି ଝିଅର। ଅଧିକ ଚିକିତ୍ସା ଲାଗି ଗରିବ ମାଆବାପାଙ୍କ ପାଖରେ ନାହିଁ ଅର୍ଥ। ଝିଅର ଦୁଃଖକୁ ଦେଖିପାରୁନାହାନ୍ତି ପରିବାର ଲୋକେ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତସ୍ଥିତ ଏମଭି-୧୦୪ ଗ୍ରାମର ଅର୍ଜୁନ କିର୍ତନିଆଙ୍କ ପରିବାରରେ। ୪ବର୍ଷ ତଳେ ଅର୍ଜୁନଙ୍କ ସ୍ତ୍ରୀ ମାଧୁରୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେତେବେଳେ ପରିବାରରେ ଖୁସିର ଲହରି ଖେଳିଯାଇଥିଲା। ଝିଅର ନାଁ ଦେଇଥିଲେ ବିୟୁଟି। ହେଲେ ଏହି ଖୁସି ପରିବାରରେ ବେଶି ଦିନ ରହି ନ ଥିଲା। କିଛି ଦିନ ପରେ ଝିଅ ନିକଟରେ କିଛି ପରିବର୍ତ୍ତନ ଦେଖିଥିଲେ ମାଆବାପା। ନିକଟସ୍ଥ ଡାକ୍ତରଖାନା ନେଇ ଦେଖାଇଥିଲେ ବିୟୁଟିକୁ। ଝିଅର ମସ୍ତିଷ୍କ ଠିକ୍ ନ ଥିବା ସେ ଦିବ୍ୟାଙ୍ଗ ହୋଇଥିବା କହିଥିଲେ ଡାକ୍ତର। ଦିନ ମଜୁରିଆ ହୋଇଥିଲେ ମଧ ଅର୍ଜୁନ ଅର୍ଥ ଯୋଗାଡ କରି ଝିଅକୁ ଧରି ବୁର୍ଲା ମେଡିକାଲକୁ ଯାଇଥିଲେ। ସେଠାରେ କୌଣସି ସୁଫଳ ମିଳି ନ ଥିଲା। ଯଦି ଝିଅଟିକୁ କଟକ ବଡ ଡାକ୍ତରଖାନାକୁ ନିଆଯାଏ , କିଛି ପରିବର୍ତ୍ତନ ଆସିପାରେ ବୋଲି ପରାମର୍ଶ ଦେଇଥିଲେ ଡାକ୍ତର। ଆଉ ଅର୍ଥ ଯୋଗାଡ କରିପାରୁନାହାନ୍ତି ଅର୍ଜୁନ କି ଝିଅକୁ କଟକ ନେଇପାରୁନାହାନ୍ତି। ଏବେ ମଧ ଝିଅ ବିୟୁଟି ଠିକ ସେ ଚାଲିପାରୁନି, ଠିକ ରୂପେ ବସି ପାରୁନାହିଁ। ଠିକ ସେ ଖାଦ୍ୟ ମଧ ଖାଉନାହିଁ। ଯଦି ଜିଲା ପ୍ରଶାସନ କିଛି ସହାୟତା କରନ୍ତେ ତା'ହେଲେ ତାଙ୍କ ଝିଅର ଚିକିତ୍ସା ହୋଇପାରନ୍ତା ବୋଲି ଆଶା କରିଛନ୍ତି ଏହି ପରିବାର।

## ■ ଜିଲା ପରିଷଦ ବୈଠକ

# ସଭ୍ୟଙ୍କୁ ଗୁରୁତ୍ୱ ମିଳୁ ନ ଥିବାରୁ ଅସନ୍ତୋଷ

ମାଲକାନଗିରି,୧୧।୯ (ଡି.ଏନ୍.ଏ.)

ବୁଧବାର ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ବୈଠକ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମପି ରମେଶ ଚନ୍ଦ୍ର ମାଝୀ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ବିଧାୟକ ଆଦିତ୍ୟ ମାଢି, ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଲତା ମଣ୍ଡଳଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଶାସନ ଜିଲା ପରିଷଦ ସଭ୍ୟଙ୍କୁ ଗୁରୁତ୍ୱ ଦେଉ ନ ଥିବାରୁ ଉପସ୍ଥିତ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ପ୍ରତ୍ୟେକ ବିଭାଗର ପଦାଧିକାରୀ ଜିଲାରେ କାର୍ଯ୍ୟକାରୀ ହେଉଥିବା କୃଷି, ମତ୍ସ୍ୟ,



ଜିଲା ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟମାନେ ।

ପଶୁପାଳନ, ବାସଗୃହ, ସ୍ୱାସ୍ଥ୍ୟ, ଜଳ ପରିମଳ, ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବିଭାଗଗୁଡିକର ମୁଖ୍ୟମାନେ ନିଜ ବିଭାଗରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ସୂଚନାଦେଇ ଆଗାମୀ ଦିନରେ କେଉଁ କାର୍ଯ୍ୟ କରାଯିବ ସେ ନେଇ ତଥ୍ୟ ରଖିଥିଲେ। ଜିଲା ପରିଷଦ ସଭ୍ୟାସଭ୍ୟ ଉପରୋକ୍ତ ଅଭିଯୋଗ ଆଣି ଜିଲା ପରିଷଦ ବୈଠକ ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ ହୋଇ ପରେ ବାତିଲ ହୋଇଥିଲେ ମଧ ସେମାନଙ୍କୁ ଏ ସମ୍ପର୍କରେ ଅବଗତ କରାଗଲାନାହିଁ ବୋଲି ପ୍ରକାଶ କରି କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ ଅଞ୍ଚଳରେ ରହିଥିବା ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟା ଉପରେ ଆଲୋକପାତ କରି ସମସ୍ୟାଗୁଡିକର ସମାଧାନ ଲାଗି ସେମାନେ ଦାବି କରିଥିଲେ।

### ସାପ କାମୁଡାରେ ଯୁବକ ମୃତ

ଆସିକା,୧୧।୯(ଡି.ଏନ୍.ଏ.)

ଗାଙ୍ଗପୁର ଥାନା କଇଠଡା ଗ୍ରାମରେ ବୁଧବାର ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବିଧାନ ମଲିକ (୩୭)। ମଙ୍ଗଳବାର ବିଳମ୍ବିତ ରାତିରେ ବିଧାନ ଘରେ ଶୋଇଥିବାବେଳେ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗାଙ୍ଗପୁର ପୋଲିସ ଆସିକା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସବ୍‌ଇନ୍ସପେକ୍ଟର ସତ୍ୟଜିତ୍ ବେଣିଆ ସୂଚନା ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୧।୯(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଡାୱାଡା ପଞ୍ଚାୟତ ଅନ୍ତର୍ଭୁକ୍ତ ଗୁଣ୍ଡାୱାଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁନିସେଫ ଓ ମାଲକାନଗିରିର ପରିବର୍ତ୍ତନ ସଙ୍ଗଠନ ସହାୟତାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜିକା ଶୁଭସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଥିଲେ। ପରିଷ୍କାର ପରିଚ୍ଛନତା, ସ୍ୱଚ୍ଛ ଭାରତ ମିଶନ, ପାଇଖାନା ବ୍ୟବହାର, ତରଳ ଓ କଠିନ ବର୍ଜ୍ୟବସ୍ତୁର ଠିକ ପରିଚାଳନା, ରନ୍ଧା ଖାଦ୍ୟ ଖାଇବା, ପାନୀୟ ଜଳର ଠିକ ପରିଚାଳନା ଓ ହାତଧୁଆ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା।



ଏକ ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ।

ପ୍ରଧାନଶିକ୍ଷକ ଜବାହର ଲାଲ ରାୟ, ସିଆରସିସି ମଧୁସୂଦନ ମଲ୍ଲିକ, ସୁବ୍ରତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ନିକଟସ୍ଥ ହରିପୁର ପ୍ରାଥମିକ ବିଦ୍ୟାଳୟରେ ମଧ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା।

# ଅଣ ଓସାରିଆ ପଥୁରିଆ ରାସ୍ତା ଦେଇ ଗଲେ ପଡେ ମାରିଗୁଡ଼ା

ଏମଭି୭୯,୧୧।୯

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଏପରି ଏକ ଗ୍ରାମ ଅଛି ଯାହାର ନାମ ମଧ୍ୟ ସରକାରୀ ଅଧିକାରୀଙ୍କ ସହ ବିଭିନ୍ନ ରାଜନୈତିକ ଦଳର ରାଜନେତାଙ୍କୁ ମଧ ଜଣାନାହିଁ। ଏହି ଗ୍ରାମ ହେଉଛି ବ୍ଲକର ମାନ୍ୟମକୋଣ୍ଡା ପଞ୍ଚାୟତର ମାରିଗୁଡା ଗ୍ରାମ। ଦଶନ୍ଧି ପରେ ଦଶନ୍ଧି ବିତୁଥିଲେ ମଧ ଗ୍ରାମବାସୀଙ୍କ ସମସ୍ୟା ସୁଧୁରୁନାହିଁ। ମୁଖ୍ୟତଃ ଏହି ଗ୍ରାମକୁ ଯିବାକୁ ରାସ୍ତାଘାଟ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଭଳି ମୌଳିକ ଅଧିକାରରୁ ଗ୍ରାମବାସୀ ବଞ୍ଚିତ ହୋଇ ରହିଛନ୍ତି। ମନୋମକୁଣ୍ଡ ପଞ୍ଚାୟତଠାରୁ ୫ କିମି ଦୂରରେ ଗଲେ ପଡେ ଏହି ଆଦିବାସୀ ଗ୍ରାମ ମାରିଗୁଡା।



ମାରିଗୁଡାକୁ ପଡିଥିବା ରାସ୍ତା ।

ଗ୍ରାମରେ ପହଞ୍ଚିବାକୁ ହେଲେ ଦୁଇ ପାହାଡରେ ଘେରା ଏକ ସଂକୀର୍ଣ୍ଣ ଅଣ ଓସାରିଆ ପଥୁରିଆ ରାସ୍ତା ଦେଇ ଯିବାକୁ ପଡେ। ଗ୍ରାମରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଡାକ୍ତରଖାନା ନେବାକୁ ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚିପାରେନାହିଁ। ଫଳରେ ଆବଶ୍ୟକ ସମୟରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଗ୍ରାମରେ ନଳକୂପଟିଏ ଥିଲେ ମଧ ସେଥିରୁ ଆଇରନଯୁକ୍ତ ପାଣି ବାହାରୁଥିବା ପିଇବା ଉପଯୋଗୀ ହୋଇପାରୁନାହିଁ। ପାହାଡ଼ରୁ ଝରି ଆସୁଥିବା ପାଣି ସଂଗ୍ରହ କରି ଗ୍ରାମବାସୀ ବ୍ୟବହାର କରିଥାନ୍ତି। ପଞ୍ଚାୟତ ଅଧିକାରୀଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ କାହାରି ଦୃଷ୍ଟି ମାରିଗୁଡା ଉପରେ ପଡୁନି। ୫କିମି ପଥୁରିଆ ରାସ୍ତାରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ରାଶନ ସାମଗ୍ରୀ ଓ ଭତ୍ତା ଆଣନ୍ତି ଗ୍ରାମବାସୀ। କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଅଞ୍ଚଳ ଓ ଆଦିବାସୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏଥିପାଇଁ ଅର୍ଥ ମଞ୍ଜୁର ହେଉଛି ଅଥଚ ମାରିଗୁଡା ପରି ଅଞ୍ଚଳରେ ଏହାର ସୁଫଳ ପହଞ୍ଚିପାରୁନି। ମଞ୍ଜୁର ଅର୍ଥ କୁଆଡେ ଯାଉଛି ବୋଲି ଏବେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଜିଲା ପ୍ରଶାସନ ଉକ୍ତ ଗ୍ରାମପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚିତ୍ରକୋଣ୍ଡା ଛକରେ ବୁଲୁଥିବା ଭାଲୁ ଯନ୍ତାରେ ପଡ଼ିଲା



ଯନ୍ତାରେ ପଡିଥିବା ଭାଲୁ ।

କୋରୁକୋଣ୍ଡା ୧୧।୯(ଡ଼ି.ଏନ.ଏ)

ମାଲକାନଗିରି ଜିଲା ବାଲିମେଳା ଏନଏସି ଅଞ୍ଚଳରେ ପୂର୍ବରୁ ଏକ ଭାଲୁ ବୁଲୁଥିଲା। ଲୋକେ ଏହା ଜାଣିବା ପରେ ଭୟଭୀତ ହୋଇପଡିଥିଲେ। ଭାଲୁଟି ସନ୍ଧ୍ୟା ହେଲେ ଚିତ୍ରକୋଣ୍ଡା ଛକ ନିକଟବର୍ତ୍ତୀ ଅଞ୍ଚଳରେ ବୁଲୁଥିଲା। ସେଠାରେ ଥିବା ଦୋକାନଗୁଡିକୁ ଭଙ୍ଗାରୁଜା କରୁଥିଲା। ଦୀର୍ଘ ୧୫ /୨୦ ଦିନ ବିତି ଯାଇଥିଲେ ମଧ ଭାଲୁଟିକୁ କାବୁ କରିବାରେ ବନବିଭାଗ ସଫଳ ହୋଇ ନ ଥିଲା। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ବନ ବିଭାଗ ବସାଇଥିବା ଯନ୍ତାରେ ଭାଲୁଟି ପଡିଛି। ଭାଲୁଟିକୁ ନେଇ ବିଭାଗୀୟ କର୍ମଚାରୀ ଜଙ୍ଗଲ ମଧରେ ଛାଡ଼ିଦେଇଥିବା ଜଣାପଡିଛି।

# ଗୋସମ୍ପଦ ସୁରକ୍ଷା ନେଇ ଜାତୀୟ କର୍ମଶାଳା

ମାଲକାନଗିରି,୧୧।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କୃଷି ବିଜ୍ଞାନକେନ୍ଦ୍ରଠାରେ ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ ଓ ଗୋ ସୁରକ୍ଷା ନେଇ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ଏମପି ରମେଶଚନ୍ଦ୍ର ମାଝୀ ଉଦ୍‌ଘାଟନ କରିଥିଲେ। କୃଷି ବିଜ୍ଞାନକେନ୍ଦ୍ର ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ ହୋଇଥିବା ଏହି କର୍ମଶାଳାରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ବରିଷ୍ଠ ବୈଜ୍ଞାନିକ ଡ. ସମୀର ରଞ୍ଜନ ଦାସ, ସିଡିଭିଓ ପ୍ରତାପ କୁମାର ଦାସ, ବୈଜ୍ଞାନିକ ନିଗମାନନ୍ଦ ବେହେରା, ବୈଜ୍ଞାନିକ ଡ. ଅନୁଜ କୁମାର ରାୟ, ଜେକେ ଟ୍ରଷ୍ଟର ଜିଲା ସଂଯୋଜକ ଶଙ୍କର ଖୁଣ୍ଟି, ୭ ବ୍ଲକର ପ୍ରାଣୀଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ। ଉନ୍ନତମାନର ଗୋ ସମ୍ପଦ ରଖି ସେମାନଙ୍କ ଯତ୍ନ, ଖାଦ୍ୟପେୟ, ରୋଗ ନିରାକରଣ ପାଇଁ ଦୃଷ୍ଟିଦେବା ଆବଶ୍ୟକ। ସବୁଜ ଖାଦ୍ୟ ଦେଇ ଗୋ ସମ୍ପଦର ଉନ୍ନତି କରିବା ସହ ସେମାନଙ୍କଠାରୁ ମିଳୁଥିବା କ୍ଷୀରରୁ ଦହି, ଘିଅ, ଲହୁଣି ପ୍ରସ୍ତୁତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୨୫୦ଟି ଗାଈଙ୍କୁ ଟିକାକରଣ କରାଯାଇଥିବା ବେଳେ ୬ଟି ଗାଈକୁ କୃତ୍ରିମ ଉପାୟରେ ପ୍ରଜନନ କରାଯାଇଥିଲା। ଏହି ଅବସରରେ ବୁଧବାର ବନାରସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଗୋ ସମ୍ପଦ, କୃଷି ପର୍ଯ୍ୟାବରଣ ଉପରେ ଦେଇଥିବା ବକ୍ତବ୍ୟକୁ ପରଦା ମାଧମରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଚଷୀମାନଙ୍କୁ ଅବଗତ କରାଯାଇଥିଲା।



ଗୋ ସମ୍ପଦ କର୍ମଶାଳାରେ ଉପସ୍ଥିତ ଅତିଥିମାନେ ।

# ଜାତୀୟ ପୁଷ୍ଟି ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

କାଲିମେଳା,୧୧।୯(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସ୍ୱମନ୍ୱିତ ଶିଶୁବିକାଶ ଯୋଜନା ପକ୍ଷରୁ ପ୍ରକଳ୍ପ ସ୍ତରୀୟ ଜାତୀୟ ପୁଷ୍ଟି ସପ୍ତାହ ଦିବସ ବୁଧବାର ପାଳିତ ହୋଇଯାଇଛି । ଉତ୍ତମ ଶିଶୁ ସ୍ୱାସ୍ଥ୍ୟ ପାଇଁ ଶିଶୁ ଓ ତରୁଣ ଶିଶୁଙ୍କ ଲାଗି ଅନୁକୂଳ ଖାଦ୍ୟ ଅଭ୍ୟାସ, ମହିଳା କିଶୋରୀମାନେ କିପରି ନିଜର ସ୍ୱାସ୍ଥ୍ୟ ଯତ୍ନ ନେଇପାରିବେ ଏବଂ ନିୟମିତ ପୁଷ୍ଟିକର ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରିପାରିବେ ଏହି ଲକ୍ଷ୍ୟନେଇ ସପ୍ତାହେ ବ୍ୟାପୀ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଏହି ପୁଷ୍ଟିକର ସପ୍ତାହ ପାଳନ କରାଯାଇଥିଲା । ଏହି ଅବସରରେ ଅଙ୍ଗନୱାଡି କର୍ମୀମାନେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। କାଲିମେଳା ବଜାର ଦେଇ ସେମାନେ ମେଡିକାଲ




ଶୋଭାଯାତ୍ରାରେ ବାହାରିଥିବା ଅଙ୍ଗନୱାଡି କର୍ମୀ ।

ପର୍ଯ୍ୟନ୍ତ ଯାଇଥିଲେ। ବ୍ଲକ ସଭାଗୃହରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରୋଗ୍ରାମ ଅଫିସର ସ୍ନିଗ୍ଧାରାଣୀ ମିଶ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସିଡିପିଓ ଲତା ମଞ୍ଜୁଳା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ମଞ୍ଜୁବାଳା ମହାପାତ୍ର, ନାଲାଗୁଣ୍ଡି ସୁପରଭାଇଜର ଗୀତାରାଣି ଦାସ, ତେଲରାଇର ପ୍ରତିମା ନାୟକ, ସରୋଜିନୀ ସାହୁ, ମମତା ବୈରାଗି, ସୁକାନ୍ତି ମାଢି, ବିଲା ମଣ୍ଡଳ, ପରିସଂଖ୍ୟାନ ଅଧିକାରୀ ଦୁଲାଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବ୍ଲକର ୨୩ଟି ପଞ୍ଚାୟତର ୫ଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟକମାନେ ସାମିଲ ହୋଇଥିଲେ।

